RNI No.ODIODI/2010/33031
୧୭ ବର୍ଷ Volume-17
ISSUE -160 ସଂଖ୍ୟା-୧୬୦
ଭୁବନେଶ୍ୱର, ସୋମବାର ୦୭ ସେପ୍ଟେମ୍ବର ୨୦୨୬
Bhubaneswar, Monday 07 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର,୬।୯(ନି.ପ.): ୩ ଲକ୍ଷ ୧୫ ହଜାର ଟଙ୍କା ସହ ଗତକାଲି ସନ୍ଧ୍ୟାରେ ଧରାପଡିଥିବା କେନ୍ଦ୍ରାପଡା ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ।

ଅନୁପମା ସାହୁ ଗତକାଲି ତାଙ୍କ ଅଫିସ ଗାଡିରେ କେନ୍ଦ୍ରାପଡାର ନୟନ ବିହାର ସ୍ଥିତ ତାଙ୍କ ବାସଭବନକୁ ଫେରୁଥିବା ବେଳେ ମାର୍ଶାଘାଇ କ୍ରସିଂ ନିକଟରେ ଜାତୀୟ ରାଜପଥ ୫୩-ଏ'ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଥିଲା। ସେ ଏତେ ଟଙ୍କା କେଉଁଠାରୁ ଆଣିଲେ, କେଉଁ ଉଦ୍ଦେଶ୍ୟରେ ସେ ଏହି ଟଙ୍କା ପାଖରେ ରଖିଛନ୍ତି- ଆଦି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଅନୁପମା ସାହୁ। ଭିଜିଲାନ୍ସ ପକ୍ଷରୁ ଉକ୍ତ ଟଙ୍କା ସହିତ ତାଙ୍କ ସରକାରୀ ଗାଡିକୁ ଜବତ କରିଥିଲା ଭିଜିଲାନ୍ସ।ଏହା ପରେ କେନ୍ଦ୍ରାପଡାର ନୟନ ବିହାର ସ୍ଥିତ ଅନୁପମା ସାହୁଙ୍କ ବାସଭବନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ସେଠାରୁ ଭିଜିଲାନ୍ସ ନଗଦ ୪ ଲକ୍ଷ ଟଙ୍କା ପାଇଥିଲା। ମୋଟ ଉପରେ ତାଙ୍କଠାରୁ ନଗଦ ୭ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି। ବିଭିନ୍ନ ଡିପୋଜିଟ୍ ବାବଦକୁ ସେ ୬୩ ଲକ୍ଷ ଟଙ୍କା ରଖିଛନ୍ତି। ଭୁବନେଶ୍ୱରରେ ତାଙ୍କର ଗୋଟିଏ ଫ୍ଲାଟ ଅଛି। ଢେଙ୍କାନାଳର କାମାକ୍ଷାନଗରରେ ଏକ ମାର୍କେଟ କମ୍ପ୍ଲେକ୍ସରେ ତାଙ୍କର ଗୋଟିଏ ଲୁହା ରଡ୍ ଓ ସିମେଣ୍ଟ ଗୋଦାମ ଅଛି। ବଲାଙ୍ଗିରରେ ତାଙ୍କର ଗୋଟିଏ ଦୋକାନ ଅଛି। ତାଙ୍କର ୫ଟି ପ୍ଲଟ୍ ଅଛି। ସେଥିରୁ ଭୁବନେଶ୍ୱର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଥିବା ବେଳେ ଅନୁଗୋଳରେ ୩ଟି ଅଛି।

ଗତକାଲି ତାଙ୍କଠାରୁ ଯେଉଁ ୩ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି, ତାହା ଲାଞ୍ଚ ଅର୍ଥ ବୋଲି ଭିଜିଲାନ୍ସ ଆଶଙ୍କା କରୁଛି। ଘଟଣାର ତଦନ୍ତ ଜାରି ରହିଛି। ଅନୁପମା ସାହୁ ୨୦୦୩ରେ ଅନୁଗୋଳ ଜଳସେଚନ ଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରାରମ୍ଭିକ ମାସିକ ଦରମା ୪୦୦୦ ଟଙ୍କା ଥିଲା। ୨୦୦୯ରେ ତାଙ୍କ ଚାକିରି ନିୟମିତ ହୋଇଥିଲା। ୨୦୧୬ ଡିସେମ୍ବର ମାସରେ ସେ ସହକାରୀ ଯନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ ଓ ତାଙ୍କୁ ରେଙ୍ଗାଲି ଦକ୍ଷିଣ କେନାଲର ଢେଙ୍କାନାଳ ଡିଜାଇନ ଓ ମୋନିଟରିଂ ୟୁନିଟରେ ନିଯୁକ୍ତି ଦିଆଯାଇଥିଲା।

### ବିଜେପି କାର୍ଯ୍ୟକାରିଣୀରେ ରାଜନୈତିକ ଚିଠା ପାରିତ

# ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ଜନ ସେବା କରିବାକୁ ପରାମର୍ଶ

କଟକ / ଭୁବନେଶ୍ୱର,୬।୯(ନି.ପ୍ର): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ କଟକଠାରେ ଅନୁଷ୍ଠିତ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିବସରେ ଆଜି ଯୋଗ ଦେଇ କାର୍ଯ୍ୟକାରିଣୀକୁ ସମ୍ବୋଧିତ କରିବା ଅବସରରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ବି.ଏଲ.ସନ୍ତୋଷ କହିଛନ୍ତି ଯେ, ବିଜେପିର ମୂଳମନ୍ତ୍ର ହେଉଛି ସେବା ଭାବ । ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ସାଧାରଣ ଲୋକଙ୍କ ପାଇଁ ମନ ପ୍ରାଣ ଦେଇ କାର୍ଯ୍ୟ କରିବା । ସମାଜର ଶେଷ ସୋପନରେ ଥିବା ବ୍ୟକ୍ତିପାଖରେ ପହଂଚି ତାଙ୍କୁ ସେବା, ସୁବିଧା ଓ ମୌଳିକ ଅଧିକାର ପ୍ରଦାନ କରିବା ହେଉଛି ମୂଳ ଲକ୍ଷ୍ୟ । ଯେଉଁ ରାଜ୍ୟମାନଙ୍କରେ ବିଜେପି ଥରେ ଶାସନ ଦାୟୀତ୍ୱରେ ଆସିଛି, ଏହି ସେବା ମନୋଭାବ କାରଣରୁ ସେହି ରାଜ୍ୟବାସୀମାନେ ବାରମ୍ବାର ବିଜେପିକୁ ଶାସନ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଓଡିଶାରେ ବିଜେପି ସରକାର ଗଠନ ହେବା ପରେ ସେବା ମନୋଭାବକୁ ଅଗ୍ରାଧିକାର ଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ନିୟମିତ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ତାଙ୍କ ସୁଖ ଦୁଖର ସାଥୀ ହୋଇ ଛିଡା ହେଉଛନ୍ତି। ଆଗାମୀ ପଂଚାୟତ, ନଗରପାଳିକା ଓ ସମବାୟ ନିର୍ବାଚନରେ ଲୋକଙ୍କ ସହ ଛିଡା ହେବା ସହିତ କଠିନ ପରିଶ୍ରମ କରି ଲୋକଙ୍କ ଆସ୍ଥାଭାଜନ ହେବା ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ବି.ଏଲ.ସନ୍ତୋଷ କହିଛନ୍ତି।

ସେହିପରି ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅହରହ ପରିଶ୍ରମ ଏବଂ ଦେଶବାସିଙ୍କ ସଂକଳ୍ପକୁ ଆଦୌ ବୁଝି ପାରିନଥିବା ବିରୋଧୀ ଦଳମାନଙ୍କ ଆଚରଣ ଓ ଉଚ୍ଚାରଣ ଅତ୍ୟନ୍ତ ନିନ୍ଦନୀୟ। ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଅବସରରେ




ଆଜି ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ପ୍ରତିକୁଳ ପରିସ୍ଥିତିରେ ଭାରତବର୍ଷର ଆର୍ଥିକ ଅଭିବୃଦ୍ଧି ୭.୮ ପ୍ରତିଶତ ହାରରେ ବୃଦ୍ଧି ପାଉଥିବାବେଳେ ବିରୋଧୀ ଦଳଗୁଡିକ ଅପପ୍ରଚାର କରି ଭାରତବର୍ଷକୁ ବଦନାମ କରିବାର ଚକ୍ରାନ୍ତ କରୁଛନ୍ତି । ବିରୋଧିଦଳମାନେ ଦେଶ ବିଭାଜନକାରୀ ଶକ୍ତିମାନଙ୍କ ସହ ହାତ ମିଳାଇ, ବିଭିନ୍ନ ଦେଶ ବିରୋଧି ଗତିବିଧିରେ ସାମିଲ ହେଉଛନ୍ତି। ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌କୁ ସାରା ଦେଶବାସୀ ଗର୍ବର ସହ ଗାଉଥିବାବେଳେ କଂଗ୍ରେସ ଦଳ ଅବମାନନା କରିଛି । ଗତ ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ସଂପୂର୍ଣ୍ଣ ବନ୍ଦେ ମାତରମ୍ ଗାନ ବେଳେ ଯେଉଁ ଭଳି ଭାବରେ ଘୃଣା ଭାବ ପ୍ରକାଶ କଲେ, ତାହା ଅତ୍ୟନ୍ତ କ୍ଷୋଭର ବିଷୟ ଏବଂ ନିନ୍ଦନୀୟ । ଯାହା କଂଗ୍ରେସର ଦେଶବିରୋଧୀ ମାନସିକତାର ଏକ ନିଛକ ଦୃଷ୍ଟାନ୍ତ । ସଂସଦରେ ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ କରି କଂଗ୍ରେସ ଓ ବିରୋଧୀଦଳମାନେ ତାଙ୍କ ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ପ୍ରକାଶିତ କରିଛନ୍ତି। ସେହିଭଳି ଅର୍ବାନ ଏବଂ ଦିମାଗୀ ନକ୍ସଲମାନଙ୍କୁ ସମର୍ଥନ, ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଏଫସିଆରଏ ଆଇନକୁ ବିରୋଧ କରି ବିରୋଧୀ ଦଳମାନେ ନିଜର ଭାରତ ବିରୋଧି ମାନସିକତାର ପରିଚୟ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ସହ ଅନ୍ୟ ରାଷ୍ଟ୍ରମୁଖ୍ୟଙ୍କୁ ଯୋଡି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି, ଯାହାକି ଆମ ଭାରତୀୟ ସଂସ୍କୃତି ଓ ପରଂପରାର ବିରୋଧୀ । ଅନ୍ୟ ପଟେ ରାଜ୍ୟରେ ବିଜେଡି ସରକାର ସମୟରେ ଘଟିଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡକୁ ନେଇ ଗଠିତ ହୋଇଥିବା ତଦନ୍ତ କମିଶନ ଫାଇଲ୍‌କୁ ନବୀନ ବାବୁଙ୍କ ସରକାର ଜାଣିଶୁଣି ଚୋରି କରିଛନ୍ତି। ହତ୍ୟାଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ କମିଶନ ରିପୋର୍ଟକୁ ଗାଏବ କରିବା ଘଟଣା ଅତ୍ୟନ୍ତ ଚିନ୍ତାର ବିଷୟ । ବିଜେଡିର ବି-ଟିମ୍ ଭୂମିକାରେ ଅବତୀର୍ଣ୍ଣ ହୋଇ ଓଡ଼ିଶାରେ କଂଗ୍ରେସ ଦଳ ବିଜେଡି ନିର୍ଦ୍ଦେଶ ଅନୁସାରେ ପରିଚାଳିତ ହେଉଛି। ରାଜ୍ୟରେ ଏମ୍ଏମ୍ଡିଆର୍ ସଂଶୋଧନକୁ ଉଭୟ କଂଗ୍ରେସ ଏବଂ ବିଜେଡି ବିରୋଧ କରି ଭ୍ରମାତ୍ମକ ତଥ୍ୟ ଦେଇ ମିଛର ପ୍ରହେଳିକା ସୃଷ୍ଟି କରୁଛନ୍ତି। ଓଡ଼ିଶାରେ ଚଳିତବର୍ଷ ବ୍ୟାପକ ବନ୍ୟାରେ ୯ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ୍ୟାକୁ ନେଇ ବିଜେଡି ନେତୃତ୍ୱମାନଙ୍କର ତୁଛ ରାଜନୀତି ଏବଂ ହାଲକା ମନ୍ତବ୍ୟ ବନ୍ୟା ପ୍ରଭାବିତ କ୍ଷତିଗ୍ରସ୍ତମାନଙ୍କ ମନରେ ଦୁଃଖ ଦେଇଛି। ଏହି ଅବସରରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ଏବଂ ପ୍ରକୋଷ୍ଠ ସଂଯୋଜକ ସୁଦୀପ୍ତ ରାୟ ଉପସ୍ଥିତ ଥିଲେ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂସଲ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ମନ୍ତ୍ରୀଗଣ, ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ୨୦୨୯ ସୁଦ୍ଧା ଭାରତ ନିଶାମୁକ୍ତ ହେବ : ଶାହ

ନୂଆଦିଲ୍ଲୀ,୬।୯: ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢେଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢେଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି। ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା 'ନିଶାମୁକ୍ତ ଯୁବ ଶକ୍ତି' ଭାରତକୁ 'ବିକଶିତ ଭାରତ' ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ। ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢେଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢେଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି। ଶାହ କହିଛନ୍ତି, ସରକାର ଏନ୍‌ସିଓଆର୍‌ଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ 'ମାନସ୍' ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି। ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି।

## ସଂଶୋଧିତ ବନାନ ୭ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(କେଏନଏସ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ଼ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଏହାର ଅଂଶସ୍ୱରୂପ AngulKê Anugola, Balasoreକୁ Baleshwar, Kendraparaକୁ Kendrapada ଏବଂ Cuttackକୁ KATAKA ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି।

# ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ ସ୍ଥାପନ

## ପୋତାଶ୍ରୟରେ ୧୬.୫ ମିଟର ଡ୍ରାଫ୍ଟ ର ପ୍ରଥମ ବୃହତ୍ତକାୟ ଜାହାଜ, ବନ୍ଦର ପାଇଁ ଶୁଭଙ୍କର ନୂତନ ବନ୍ଦର ଅଧ୍ୟକ୍ଷ

ପାରାଦୀପ,୬।୯:- ପାରାଦୀପ ବନ୍ଦର ପ୍ରାଧିକରଣ ର ପଶ୍ଚିମ ଡକ୍-୧ ରେ ସେପ୍ଟେମ୍ବର ୬ ରବିବାର ସକାଳେ ୧୬.୫ ମିଟର ଡ୍ରାଫ୍ଟ ର ପ୍ରଥମ କେପସାଇଜ୍ (ବୃହତ୍ତକାୟ) ଜାହାଜ, ଏମଭି ମିନେରାଲ୍ କ୍ୱାଙ୍ଗୟାଙ୍ଗକୁ ସଫଳତାର ସହ ବର୍ଥ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ପାରାଦୀପ ବନ୍ଦର ର ଡିପ୍-ଡ୍ରାଫ୍ଟ ଏବଂ ବଡ଼ କ୍ଷମତା ବିଶିଷ୍ଟ ବଲ୍କ କ୍ୟାରିଅରଗୁଡ଼ିକୁ ପରିଚାଳନା କରିବା ପାଇଁ ବିସ୍ତାରିତ କ୍ଷମତାରେ ଆଉ ଏକ ପ୍ରମୁଖ ପଦକ୍ଷେପକୁ ଚିତ୍ରିତ କରେ।

ଏମଭି ମିନେରାଲ୍ କ୍ୱାଙ୍ଗୟାଙ୍ଗ ହେଉଛି ଏକ କେପସାଇଜ୍ ଜାହାଜ ଯାହାର ସାମଗ୍ରିକ ଲମ୍ବ ୨୯୨ ମିଟର ଏବଂ ଚଉଡା ୪୫ ମିଟର ଏବଂ ଡ୍ରାଫ୍ଟ ବା ଗଭୀରତା ୧୬.୫୦ ମିଟର ରହିଛି । ଏହି ଜାହାଜ ସେପ୍ଟେମ୍ବର ୫ ତାରିଖରେ ପାରାଦୀପରେ ପହଞ୍ଚିଥିଲା ଏବଂ ସେପ୍ଟେମ୍ବର ୬ ତାରିଖ ସକାଳ ୬ ଟାରେ ପଶ୍ଚିମ ଡକ୍-୧ ରେ ସଫଳତାର ସହ ବର୍ଥ କରାଯାଇଥିଲା। ଏହି ଜାହାଜରେ ନଅଟି ହୋଲ୍ଡରେ ୧୫୨,୭୦୨ ମେଟ୍ରିକ ଟନ୍ କୋକିଂ ବା ଜାଳେଣି କୋଇଲା ରହିଛି ଏବଂ ଏହି ପଣ୍ୟ ଅଷ୍ଟ୍ରେଲିଆର ହେ ପଏଣ୍ଟରୁ ଆସିଛି। ପଶ୍ଚିମ ଡକ୍-୧ ରେ ୧୬.୫ ମିଟର ଡ୍ରାଫ୍ଟ ସହିତ ଏକ କ୍ୟାପସାଇଜ ଜାହାଜର ସଫଳ ବର୍ଥିଂ ପାରାଦୀପ ବନ୍ଦରର ଉନ୍ନତ ଡିପ୍-ଡ୍ରାଫ୍ଟ ଜାହାଜ ପରିଚାଳନା କ୍ଷମତା ଏବଂ ବୃହତ ଏବଂ ଉଚ୍ଚ-କ୍ଷମତା ବିଶିଷ୍ଟ ବଲ୍କ କ୍ୟାରିଅରକୁ




ସ୍ଥାପିତ କରିବା ପାଇଁ ଏହାର ପ୍ରସ୍ତୁତିକୁ ପ୍ରଦର୍ଶନ କରେ। ଏହି ମାଇଲଖୁଣ୍ଟ ଉନ୍ନତ ଲଜିଷ୍ଟିକ୍ସ ଦକ୍ଷତା ଏବଂ ପ୍ରମୁଖ ଶିଳ୍ପ ଅଂଶୀଦାରମାନଙ୍କ ପାଇଁ ଜାହାଜ ପରିବର୍ତ୍ତନ ସମୟ ହ୍ରାସ କରିବାରେ ଅବଦାନ ରଖିବ ବୋଲି ଆଶା କରାଯାଉଛି।ଏହି କୀର୍ତ୍ତିମାନ ହାସଲକୁ ନେଇ ପାରାଦୀପ ବନ୍ଦର ପ୍ରାଧିକରଣର ଟ୍ରାଫିକ୍ ମ୍ୟାନେଜର ରାଜେନ୍ଦ୍ର କୁମାର ଏବଂ ଜିନ୍ଦଲ ପାରାଦୀପ ପୋର୍ଟ ଲିମିଟେଡ୍ (ଜେପିପିଏଲ) ର ଡେପୁଟି ସିଇଓ ସନ୍ଦୀପ ଜୟସୱାଲଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯିବା ସହ ପରସ୍ପର ମଧ୍ୟରେ ଶୁଭେଚ୍ଛା ବାର୍ତ୍ତା ଆଦାନପ୍ରଦାନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଏବଂ ଜେପିପିଏଲ ର ସମସ୍ତ କର୍ମଚାରୀ ଓ ଅଧିକାରୀ ଏବଂ ବ୍ୟବହାରକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଡିପ୍-ଡ୍ରାଫ୍ଟ ଜାହାଜକୁ ସଫଳତାର ସହିତ ପରିଚାଳନା କରିବାରେ ସେମାନଙ୍କର ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିଥିଲେ। ତେବେ ଏହି ମାଇଲଖୁଣ୍ଟ ସ୍ଥାପନ ପାରାଦୀପ ବନ୍ଦର ର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ଯୋଗାଇବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ସାମୁଦ୍ରିକ ଏବଂ ଶିଳ୍ପ କ୍ଷେତ୍ରର ବିକଶିତ ଆବଶ୍ୟକତା ପୂରଣ କରିବା ପାଇଁ ଏହାର କ୍ଷମତାକୁ ସୁଦୃଢ଼ କରିପାରି ଥିଲାବେଳେ ନୂତନ ବନ୍ଦର ଅଧ୍ୟକ୍ଷଙ୍କ ଯୋଗଦାନ ବନ୍ଦର ପାଇଁ ଶୁଭଙ୍କର ବୋଲି ହେଉଥିବା ଲୋକଆଲୋଚନା କୁ ଏଡାଇ ଦିଆଯାଇ ନପାରେ ।

### ଭୁଶୁଡି ପଡିଲା ୬ ମହଲା କୋଠା, ୫ ମୃତ

ନୂଆଦିଲ୍ଲୀ,୬।: ଦକ୍ଷିଣପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନରେ ରବିବାର ଅପରାହ୍ନ ପ୍ରାୟ ସାଢେ ୧୧ଟା ବେଳେ ଏକ ୬ ମହଲା କୋଠା ଭୁଶୁଡି ପଡିଛି। ଧ୍ୱସ୍ତ କୋଠାରେ ବହୁ ଲୋକ ଫସି ରହିଥିବା ଆଶଙ୍କା କରାଯାଉଥିବା ବେଳେ ଖବର ଲେଖାଯିବା ବେଳକୁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ଅନୁଯାୟୀ ଏହି କୋଠାଟି ପେଇଂ ଗେଷ୍ଟ ବାସସ୍ଥାନ ଭାବେ ଚାଲିଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, କୋଠାଟି ଭୁଶୁଡିବା ବେଳେ ସେଠାରେ ପ୍ରାୟ ୫୦ ଜଣ ଛାତ୍ର ଥିଲେ। ଯେହେତୁ ଆଜି ରବିବାର, ତେଣୁ ପ୍ରାୟ ସମସ୍ତେ ଘରେ (ଏହି କୋଠାରେ) ଥିଲେ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ପୁଲିସ, ଦମକଳ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ସେବା ପ୍ରଦାନକାରୀ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

# ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ଭାରୀ ଯାନ ଚଳାଚଳ ଉପରେ କଟକଣା

ଯାଜପୁର। ବଡ଼ଚଣା:୬।୯,(ନି.ପ୍ର) ଯାଜପୁର ଜିଲ୍ଲା ବଡ଼ଚଣାରୁ ବାଲିଚନ୍ଦ୍ରପୁର ସଂଯୋଗ କରୁଥିବା ୧୩ କିଲୋମିଟର ଦୀର୍ଘ ଆର ଆଣ୍ଡ ବି ରାସ୍ତାରେ ଜନସାଧାରଣ, ସ୍କୁଲ-କଲେଜ ଛାତ୍ରଛାତ୍ରୀ ଏବଂ ପାଦଚଲା ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରୀ ଯାନ ଓ ଟ୍ରକ୍ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି



ଜିଲ୍ଲାପାଳ।ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ସମସ୍ତ ପ୍ରକାର ଭାରୀ ଯାନବାହନ ଟ୍ରକ୍ (ମାଲ୍ ବୋଝେଇ ଓ ଖାଲି) ଚଳାଚଳ ନିଷେଧ ହୋଇଛି।ମୋଟର ଯାନ ଆଇନ ୧୯୮୮ ର ଧାରା ୧୧୫, ୧୧୬, ୧୧୭ ଏବଂ ଓଡ଼ିଶା ମଟର ଯାନ ରୁଲ୍ସ, ୧୯୯୩ ର ନିୟମ ୬୩ ଓ ୯୩ ଅନୁଯାୟୀ ଯାଜପୁର ଜିଲ୍ଲାପାଳ ତଥା ଆର୍ ଟି ଏ ଅଧ୍ୟକ୍ଷ ଅମ୍ବର କୁମାର କର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।ଏହି କଟକଣା ୦୧.୦୯.୨୦୨୬ ରୁ ୩୦.୦୯.୨୦୨୬ (ଗୋଟିଏ ମାସ) ପର୍ଯ୍ୟନ୍ତ ବଳବତ୍ତର ରହିବ।ଜାତୀୟ ରାଜପଥ ଦେଇ ଯିବା ପରିବର୍ତ୍ତେ ଭାରୀ ଯାନଗୁଡ଼ିକ ଦ୍ରୁତ ଗତିରେ ଏହି ରାସ୍ତାରେ ଯାତାୟାତ କରିବା ଦ୍ୱାରା ନିୟମିତ ଦୁର୍ଘଟଣା ଘଟୁଥିଲା। ଏହା ଦ୍ୱାରା ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତଥା ତହସିଲ୍ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ହଜାର ହଜାର ସାଧାରଣ ଲୋକ ଏବଂ ବିଦ୍ୟାଳୟ ଗମନାଗମନ ତଥା ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରେ ରଖି ଏହି ନିଷେଧ ନାମା ଲାଗୁ ହୋଇଛି।

### ଡାହୁକ




# ଗୋଟିଏ ଟ୍ରେନ୍, ୨୦୦ ବହି ଓ ଶହ ଶହ କାହାଣୀକୁ ନେଇ ପୂର୍ବ ତଟ ରେଳପଥର ନିଆରା ଯାତ୍ରା

ଭୁବନେଶ୍ୱର,୬।୯ :ସକାଳର ଟ୍ରେନ୍ ?ରେ ପ୍ରତିଦିନ ଭଳି ଯାତ୍ରୀମାନେ ଥିଲେ। କିନ୍ତୁ ଏଥର ଟ୍ରେନରେ ଥିଲା କିଛି ଅସାଧାରଣ—ବହି, କବିତା ଏବଂ ଶତାଧିକ ଲୋକ, ଯେଉଁମାନେ କେବଳ ଓଡ଼ିଶାରେ ଯାତ୍ରା କରିବାକୁ ନୁହେଁ, ବରଂ ଶବ୍ଦର ଦୁନିଆ ଭିତରେ ଏକ ଦିନ ବିତାଇବାକୁ ବାହାରିଥିଲେ।

ରବିବାର ଟ୍ରେନ ନମ୍ବର ୬୮୪୨୯ ଭୁବନେଶ୍ୱର–ଦଶପଲ୍ଲା ମେମୁରେ ଚଢ଼ିଥିବା ପାଠକ ଓ ଲେଖକମାନଙ୍କ ପାଇଁ ଏହି ଯାତ୍ରା ଏକ ଚଳନ୍ତା ସାହିତ୍ୟିକ ସମାବେଶରେ ପରିଣତ ହୋଇଥିଲା। ଭୁବନେଶ୍ୱରସ୍ଥିତ 'ୱାକିଂ ବୁକ୍ ଫେୟାର୍ସ'ର ସହଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ଆୟୋଜିତ 'ରେଳ ରିଡିଂ କ୍ୟାମ୍ପେନ୍–ଗିଫ୍ଟ ଏ ବୁକ୍' କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣ କରିଥିଲେ।ଏହି ସାହିତ୍ୟିକ ଯାତ୍ରାକୁ ଆହୁରି ସ୍ୱତନ୍ତ୍ର କରିଥିଲା ପ୍ରଖ୍ୟାତ ଲେଖକ ଓ ସାହିତ୍ୟିକ ଜେରୀ ପିଣ୍ଟୋ, ଶରତ ଚନ୍ଦ୍ର ଦାସ, କ୍ରିଷ୍ଟୋଫ ରାନ୍ସମାୟର, ଆକୃତି ମାନ୍ଧ୍ୱାନୀ ଏବଂ ଚନ୍ଦ୍ରହାସ ଚୌଧୁରୀଙ୍କ ଉପସ୍ଥିତି। ସେମାନେ ଅଂଶଗ୍ରହଣକାରୀ ଏବଂ ପାଠକମାନଙ୍କ ସହ ନିଜର କବିତା, ଚିନ୍ତାଧାରା, ସାହିତ୍ୟିକ ଅନୁଭବ ଓ ସୃଜନଶୀଳତାର ବିଭିନ୍ନ ଦିଗ ବାଣ୍ଟିଥିଲେ। ସେମାନଙ୍କ ଉପସ୍ଥିତି ଏହି ରେଳଯାତ୍ରାକୁ ପାଠକ, ଲେଖକ ଓ ସାହିତ୍ୟପ୍ରେମୀମାନଙ୍କ ମଧ୍ୟରେ ଏକ ନିଆରା ଆଲୋଚନା ଓ ଭାବବିନିମୟର ପରିସରରେ ପରିଣତ କରିଥିଲା।ଏହି ଅଭିଯାନ ଏକ ସାଧାରଣ ରେଳଯାତ୍ରାକୁ କିଛି ସମୟ ପାଇଁ ବହି ପଢ଼ିବା ଏବଂ ପରସ୍ପର ସହ ଯୋଡ଼ିହେବାର ଏକ ସୁନ୍ଦର ଆହ୍ୱାନରେ ପରିଣତ କରିଥିଲା।ଭୁବନେଶ୍ୱରରୁ ଟ୍ରେନ ଛାଡ଼ିବା ପରେ ଖୁବ୍ ଶୀଘ୍ର ଯାତ୍ରୀମାନଙ୍କୁ ପ୍ରାୟ ୨୦୦ଟି ବହି ବଣ୍ଟନ କରାଯାଇଥିଲା। ଏହି ଉପହାର ଦେବାର ପଦକ୍ଷେପଟି ଯାତ୍ରୀମାନଙ୍କୁ ପଢ଼ିବାର ଆନନ୍ଦକୁ ଆବିଷ୍କାର କିମ୍ବା ପୁନର୍ବାର ଅନୁଭବ କରିବା ପାଇଁ ଏକ ସୁନ୍ଦର ଆମନ୍ତ୍ରଣ ଦେଇଥିଲା।କୋଚ ଭିତରେ ଟ୍ରେନ ଯାତ୍ରାର ପରିଚିତ କୋଳାହଳ ଏକ ଶାନ୍ତ ପରିବେଶକୁ ସ୍ଥାନ ଦେଇଥିଲା। ଅଂଶଗ୍ରହଣକାରୀମାନେ ଏକ ସାମୂହିକ ନୀରବ ପଠନ ଅଧିବେଶନ ପାଇଁ ନିଜ ନିଜ ସ୍ଥାନରେ ବସିଥିଲେ। ମୋବାଇଲ୍ ଫୋନ୍ ?କୁ କିଛି ସମୟ ପାଇଁ ପଛକୁ ରଖି ବହି, ଲେଖା, କବିତା, ସଙ୍ଗୀତ ଓ ଆଲୋଚନାକୁ ଯାତ୍ରାର କେନ୍ଦ୍ରସ୍ଥାନ ଦିଆଯାଇଥିଲା।

ବିଶିଷ୍ଟ ସାହିତ୍ୟିକମାନଙ୍କ ଉପସ୍ଥିତି ଏହି ଯାତ୍ରାରେ ଆଉ ଏକ ସ୍ୱତନ୍ତ୍ର ମାତ୍ରା ଯୋଡ଼ିଥିଲା। ଅଂଶଗ୍ରହଣକାରୀମାନେ ସେମାନଙ୍କ କବିତା ଓ ଚିନ୍ତାଧାରା ଶୁଣିବା ସହ ସାହିତ୍ୟ, ଜୀବନ ଏବଂ କାହାଣୀ କହିବାର ଶକ୍ତି ସମ୍ପର୍କରେ ମତ ବିନିମୟ କରିଥିଲେ। ଟ୍ରେନର ଗତି ସହ ସାହିତ୍ୟ ଓ କବିତାର



ଏହି ଭାବବିନିମୟ ମିଶି ଯାତ୍ରାକୁ ନିଜେ ଏକ ସ୍ୱତନ୍ତ୍ର ସାହିତ୍ୟିକ ଅନୁଭୂତିରେ ପରିଣତ କରିଥିଲା।ଦଶପଲ୍ଲାରେ ଟ୍ରେନ୍ ପହଞ୍ଚିବା ସହିତ ଯାତ୍ରା ଶେଷ ହୋଇନଥିଲା।ରେଳ ଷ୍ଟେସନ୍ ?ରେ ପ୍ଲାଟଫର୍ମଟି ନିଜେ ଏକ ସାହିତ୍ୟିକ ପରିସରରେ ପରିଣତ ହୋଇଥିଲା। ଅଂଶଗ୍ରହଣକାରୀମାନେ 'ପ୍ଲାଟଫର୍ମରେ କବିତା' କାର୍ଯ୍ୟକ୍ରମରେ ଏକ ଅଭିନବ ପରିବେଶରେ ପରସ୍ପରଙ୍କ ସହ କବିତା ଓ ସାହିତ୍ୟିକ ଅଭିବ୍ୟକ୍ତି ବାଣ୍ଟିଥିଲେ। ପରେ ଭୁବନେଶ୍ୱର ଫେରିବା ସମୟରେ 'ଟ୍ରେନ୍ ?ରେ ମୁଢ଼ି ମସଲା'ର ସ୍ୱତନ୍ତ୍ର ସ୍ଥାନୀୟ ସ୍ୱାଦ ସହ ଆଲୋଚନା ଓ ଆନନ୍ଦର ଧାରା ଜାରି ରହିଥିଲା।ଏହି ଅଭିଯାନର ଉଦ୍ ?ଘାଟନ କରିଥିଲେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ଯିଏ ନିଜେ ମଧ୍ୟ ଅଂଶଗ୍ରହଣକାରୀମାନଙ୍କ ସହ ଏହି ସାହିତ୍ୟିକ ଯାତ୍ରାରେ ସାମିଲ ହୋଇଥିଲେ।ଏହି ଦିନଟିକୁ ସ୍ୱତନ୍ତ୍ର କରିଥିଲା ଏହାର ସରଳତା। ଏଠାରେ କୌଣସି ବିଶାଳ ସାହିତ୍ୟିକ ସଭାଗୃହ ନଥିଲା, ପାଠକ ଓ ଲେଖକଙ୍କ ମଧ୍ୟରେ କୌଣସି ଔପଚାରିକ ବ୍ୟବଧାନ ମଧ୍ୟ ନଥିଲା। ଥିଲା କେବଳ ଏକ ଟ୍ରେନ୍ କୋଚ୍, ଜଣେ ଯାତ୍ରୀଙ୍କ ହାତରୁ ଅନ୍ୟ ଜଣଙ୍କ ହାତକୁ ଯାଇଥିବା ଏକ ବହି ଏବଂ ଯାତ୍ରା ସହିତ ସ୍ୱାଭାବିକ ଭାବେ ଗଢ଼ିଉଠିଥିବା ଆଲୋଚନା।କିଛି ଯାତ୍ରୀଙ୍କ ପାଇଁ ସେମାନେ ପାଇଥିବା ବହିଟି ହୁଏତ ଏକ ନୂଆ କାହାଣୀର ଆରମ୍ଭ ହୋଇଥିବ। ଅନ୍ୟମାନଙ୍କ ପାଇଁ ଏହା ହୁଏତ ପରବର୍ତ୍ତୀ ଯାତ୍ରର ଜଣେ ନିରବ ସାଥୀ ହୋଇଥିବ। କିନ୍ତୁ ଏହି ସରଳ ପଦକ୍ଷେପଟି ଏକ ବଡ଼ ବାର୍ତ୍ତା ବହନ କରୁଥିଲା ଯେ ପଢ଼ିବା କେବଳ ଘର କିମ୍ବା ପାଠାଗାରରେ ସୀମିତ ଏକ ଏକାକୀ କାର୍ଯ୍ୟ ନୁହେଁ; ଏହା ଆମ ଦୈନନ୍ଦିନ ଜୀବନର ମଝିରେ ମଧ୍ୟ ନିଜର ସ୍ଥାନ ପାଇପାରେ।ଏହି 'ଗିଫ୍ଟ ଏ ବୁକ୍' ଅଭିଯାନ ଗୋଟିଏ ଦିନ ପାଇଁ ରେଳଯାତ୍ରାକୁ କେବଳ ଯାତ୍ରାର ଏକ ମାଧ୍ୟମ ନୁହେଁ, ବରଂ ଏକ ଏପରି ପରିସରରେ ପରିଣତ କରିଥିଲା, ଯେଉଁଠାରେ ଲୋକେ କିଛି ସମୟ ପାଇଁ ନିଜର ଚିନ୍ତାଧାରାର ଆଦାନପ୍ରଦାନ କରିପାରିଥିଲେ, ବିଶିଷ୍ଟ ସାହିତ୍ୟିକମାନଙ୍କ ଭାବନାକୁ ଶୁଣିପାରିଥିଲେ ଏବଂ ଏକ ଭଲ ବହି ପଢ଼ିବାର ଆନନ୍ଦକୁ ଏକାଠି ଉପଭୋଗ କରିପାରିଥିଲେ।ସନ୍ଧ୍ୟାରେ ମେମୁ ଟ୍ରେନଟି ଭୁବନେଶ୍ୱର ଫେରିବା ବେଳେ ଯାତ୍ରୀମାନଙ୍କୁ ସାଙ୍ଗରେ ନେଇ ଫେରିଥିଲା, କିନ୍ତୁ ହୁଏତ ପଛରେ ଛାଡ଼ି ଆସିଥିଲା ଆଉ କିଛି ବହି, କିଛି ଆଲୋଚନା ଏବଂ କିଛି ନୂଆ କାହାଣୀ। କାରଣ, ବେଳେବେଳେ ସବୁଠାରୁ ସ୍ମରଣୀୟ ଯାତ୍ରା କିଲୋମିଟରରେ ମାପାଯାଏ ନାହିଁ; ବରଂ ରାସ୍ତାରେ ଆମେ ସାଉଁଟି ନେଉଥିବା କାହାଣୀଗୁଡ଼ିକ ହିଁ ସେହି ଯାତ୍ରାର ପ୍ରକୃତ ମାପକାଠି ହୋଇଥାଏ।



## ବନମାଳିପୁରରେ ଗୁରୁସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ

ଖଣ୍ଡପଡା, ୬।୯ :(ମନ୍ଥନ)ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗୁରୁ ସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ମୋ ମାଟି ଭାପୁର ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ଖଣ୍ଡପଡାର ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ଶିକ୍ଷକ ମାନେ ଯୁବ ସମାଜକୁ ସାମର୍ଥ୍ୟ କରିବାରେ ସହଯୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଗୁରୁସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମର ସଭାପତି ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ କାଦମ୍ବିନୀ ପତ୍ରିକା ସମ୍ପାଦିକା ଡ ଇତିରାଣୀ ସାମନ୍ତ, ଅଧାପିକା ପ୍ରତିଭା ମହାରଥୀ, ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡା ଦାସ ବିରେନ୍ଦ୍ର ମନୋହର, ଶିକ୍ଷାବିତ ପ୍ରଫୁଲ୍ଲ ମହାନ୍ତି, ଅବସରପ୍ରାପ୍ତ




ଅଧାପକ ଡ ପବିତ୍ର ସୁବୁଦ୍ଧି, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଅତିଥି ଭାବେ ସାମିଲ ହେବା ସହିତ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମୋ ମାଟି ଭାପୁର ସଭାପତି ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଂଶୁମାନ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ। ସମାନଭାବେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଅସହ୍ୟ ଗୁଳୁଗୁଳି ସତ୍ୱେ ୫ ମ ବର୍ଷର ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଏକ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦେଇଥିବା ନେଇ ସୂଚନା ମିଳିଛି।

## 'ଇନକ୍ଲୁସିଭ୍ ଲର୍ଣ୍ଣିଂ ହବ୍' ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁ ମାନଙ୍କର ଶିକ୍ଷାଗତ ଅଭିବୃଦ୍ଧି ଏବଂ ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିବ

ବ୍ରହ୍ମପୁର,୬।୯ :(ମନ୍ଥନ) ସ୍ଥାନୀୟ ଲାଞ୍ଜିପଲ୍ଲି ଅଞ୍ଚଳ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ ଶନିବାର ଅପରାହ୍ନରେ ଡିପିଏସ୍ଏସ୍ଏସ୍ ଏବଂ ଭୁବନେଶ୍ୱର 'ଆଜିଲିଟି'ର ମିଳିତ ସହଯୋଗରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇ 'ଇନକ୍ଲୁସିଭ୍ ଲର୍ଣ୍ଣିଂ ହବ୍' ର ଶୁଭ ଉଦ୍‌ଘାଟନ କରାଯାଇଛି। ପବିତ୍ର ଗୁରୁ ଦିବସ ଅବସରରେ ଆୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ପରିବହନ ଓ ବାଣିଜ୍ୟ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ତାଙ୍କ କର କମଳରେ ଏହି 'ଇନକ୍ଲୁସିଭ୍ ଲର୍ଣ୍ଣିଂ ହବ୍'ର ଶୁଭ ଉଦ୍ଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍ସର ପ୍ରଫେସର ତଥା ମେଡିକାଲ ସୁପରିଣ୍ଟେଡେଣ୍ଟ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ସ୍କୁଲର ପରିଚାଳନା କମିଟିର ଅଧକ୍ଷା ଶ୍ରୀମତୀ ଜେ. ଜୟଲକ୍ଷ୍ମୀ, ନିର୍ଦ୍ଦେଶିକା ଡା. ଜେ. ଶ୍ରୁତି, ନିର୍ଦ୍ଦେଶକ ଡା. ସୁନୀଲ କୁମାର କୋଟା, ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ସମେତ ଟିମ୍ 'ଆଜିଲିଟି'ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡା. ପ୍ରବୀର କୁମାର ସେନାପତି ଏବଂ ଡା. ପ୍ରୀତି ସ୍ନିଗ୍ଧା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡା. ତ୍ରିପାଠୀ ପ୍ରାଥମିକ ସୂଚନା ପ୍ରଦାନ କରି କହିଥିଲେ ଯେ, ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁମାନଙ୍କ ଆବଶ୍ୟକତା ପୂରଣ ଦିଗରେ ସହାନୁଭୂତିଶୀଳ ଓ ମାନବିକ ପଦକ୍ଷେପର ଆଜିର ସମାଜରେ ଅତ୍ୟନ୍ତ ଆବଶ୍ୟକତା ରହିଛି। ଏଭଳି ଏକ ମାନବିକ ଉଦ୍ଦେଶ୍ୟ ପାଇଁ ହାତ ମିଳାଇ ଥିବା ଡିପିଏସ୍ଏସ୍ଏସ୍ ଏବଂ ଟିମ୍ 'ଆଜିଲିଟି'ର ପରିଚାଳନା ମଣ୍ଡଳୀ ଓ କର୍ମଚାରୀ ମାନଙ୍କୁ ସେ ଧନ୍ୟବାଦ ଜଣାଇ ଥିଲେ। ଦକ୍ଷିଣ ଓଡ଼ିଶାର ଆବଶ୍ୟକତା ସମ୍ପନ୍ନ ପରିବାର ମାନଙ୍କ ପାଇଁ ଏଭଳି ଏକ ସୁନ୍ଦର ସୁଯୋଗ ସୃଷ୍ଟି କରାଯାଇଥିବା ନେଇ କହିଥିଲେ । ସେହିପରି ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଅଭିଭାଷଣରେ 'ଇନକ୍ଲୁସିଭ୍ ଲର୍ଣ୍ଣିଂ ହବ୍'ର ଲକ୍ଷ୍ୟ ହେଉଛି ଏପରି ଏକ ସ୍ନେହଶୀଳ ଓ ଅନ୍ତର୍ଭୁକ୍ତି ମୂଳକ ଶିକ୍ଷା ପରିବେଶ ସୃଷ୍ଟି କରିବା, ଯେଉଁଠାରେ ପ୍ରତ୍ୟେକ ଶିଶୁ ତାଙ୍କର ଦକ୍ଷତା ତଥା ସାମର୍ଥ୍ୟ ନିର୍ବିଶେଷରେ ସମ୍ମାନର ସହିତ ଶିକ୍ଷା, ବିକାଶ ଏବଂ ଆଗକୁ ବଢ଼ିବାର ସମାନ ସୁଯୋଗ ପାଇ ପାରିବେ ଏବଂ ନିଜର ସମ୍ଭାବନାକୁ ସାକାର କରିପାରିବେ। ସେ ଦକ୍ଷିଣ ଓଡ଼ିଶାରେ ଏପରି ଏକ ଅଭିନବ ପଦକ୍ଷେପ ନେଇଥିବାରୁ ଡିପିଏସ୍ଏସ୍ଏସ୍, ବ୍ରହ୍ମପୁରର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ତେବେ ଏହି 'ଇନକ୍ଲୁସିଭ୍ ଲର୍ଣ୍ଣିଂ ହବ୍' ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଶିଶୁ ମାନଙ୍କର ଶିକ୍ଷାଗତ ଅଭିବୃଦ୍ଧି ଏବଂ ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ମୁଖ୍ୟଧାରାର ଶିକ୍ଷା କ୍ଷେତ୍ରରେ ଆତ୍ମ ବିଶ୍ୱାସର ସହିତ ଆଗକୁ ବଢ଼ିବାରେ ସକ୍ଷମ କରିବା ପାଇଁ ଏକ ଅଭିନବ ପଦକ୍ଷେପ ଭାବେ ପରିକଳ୍ପନା କରାଯାଇଛି। ଏଠାରେ ବିଶେଷଜ୍ଞଙ୍କ ପରାମର୍ଶ, ଥେରାପି ସହାୟତା ଏବଂ ଅନ୍ତର୍ଭୁକ୍ତି ମୂଳକ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁ ମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ତେବେ ଯେଉଁ ଅଭିଭାବକ ମାନେ ଏହିଭଳି ଶିଶୁ ମାନଙ୍କର ବିକାଶ ଓ ଉନ୍ନତି ପାଇଁ ଚିନ୍ତା ପ୍ରକଟ କରନ୍ତି ସେମାନେ ଆମ ସହ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଦିଲ୍ଲୀ ପବ୍ଲିକ୍ ସିନିୟର ସେକେଣ୍ଡାରୀ ସ୍କୁଲର ଶିକ୍ଷକ ଏବଂ ଟିମ୍ 'ଆଜିଲିଟି'ର କର୍ମଚାରୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ଜିଲ୍ଲାପାଳ ଏବଂ ସିଡିଏମଓଙ୍କ ଦ୍ୱାରା ଅଣଦେଖା ପାଇଁ ନୟାଗଡ଼ ଜିଲ୍ଲାରେ ଶିଶୁ ଲିଙ୍ଗାନୁପାତ ସଂକଟରେ : କଂଗ୍ରେସ

ନୟାଗଡ଼, ୬।୯ :(ମନ୍ଥନ)୨୦୦୭ ରେ ନୟାଗଡ଼ କନ୍ୟାଭ୍ରୁଣ ହତ୍ୟା ଭଳି ସଂଗୀନ ବଦନାମ ବିଭୀଷିକା ଆଜି ମଧ ଲୋକଙ୍କ ମନରୁ ଲିଭିନାହିଁ ମୋକଦ୍ଦମା ନୟାଗଡ଼ ମହିଳା ଅଦାଲତରେ ବିଚରାଧୀନ ଥିବାବେଳେ ପିସିପିଏନଡିଟି କଠୋର ଆଇନ ଏବଂ ବେଟି ବଚାଓ-ବେଟି ପଢାଓ (ବିବିବିପି) ବୈଧାନିକ ନିୟମାବଳୀ କୁ ଡିଷ୍ଟ୍ରିକ୍ଟ ଆପ୍ରୋପ୍ରିଏଟ ଅଥରିଟି (ଡିଏଏ ) ଅର୍ଥାତ ଜିଲ୍ଲାପାଳ ଏବଂ ସିଡ଼ିଏମଓଙ୍କ କାର୍ଯ୍ୟକାରିତାରେ ଖିଲାପି ନୀତି ପାଇଁ ଆଜି ସମଗ୍ର ଜିଲ୍ଲାରେ କିଛି ଅସାଧୁ ଅଲଟ୍ରାସାଉଣ୍ଡ ମାଲିକ ଏବଂ ଅର୍ଥପିପାସୁ ଡାକ୍ତର ଲିଙ୍ଗ ନିରୂପଣ ଭଳି ଜଘନ୍ୟ କାର୍ଯ୍ୟ କରୁଥିବା ଯୋଗୁଁ ଆଜି ନୟାଗଡ଼ ଜିଲ୍ଲାରେ ପୁନଶ୍ଚ ଶିଶୁ ଲିଙ୍ଗାନୁପାତ ସଂକଟରେ ଥିବା ଅଭିଯୋଗ କରିଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ କ୍ଷ ଏହି ଗୁରୁତର ତ୍ରୁଟି ଅଭିଯୋଗରେ ନୟାଗଡ଼ ଜିଲ୍ଲାପାଳ ଏବଂ ସିଡିଏମଓ ଙ୍କ ବିରୁଦ୍ଧରେ ପିସିପିଏନଡିଟି ଆଇନ ର ଦଫା ୨୮ (ଖ) ଅନୁସାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ଅଦାଲତରେ ଫୌଜଦାରୀ ମୋକଦ୍ଦମା ରୁଜୁ କରିବା ପାଇଁ ଆବଶ୍ୟକିୟ ୧୫ ଦିନିଆ ନୋଟିସ ଜାରି କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଶ୍ରୀ ଦାଶ କହିଛନ୍ତି । ୨୦୧୧ ଜନଗଣନା ଅନୁସାରେ ନୟାଗଡ଼ ଜିଲ୍ଲାରେ ଶିଶୁ ଲିଙ୍ଗାନୁପାତ ପ୍ରତି ୧୦୦୦ ପୁଅରେ ୮୫୫ ଝିଅ ହିସାବରେ ରାଜ୍ୟର ସବୁଠୁ ଜିଲ୍ଲା ଥିଲା । ଏବେ ଜିଲ୍ଲାରେ ମକ୍ଷସକ୍ଷୟ ଶ୍ବରଙ୍ଘ କ୍ବବକ୍ସସକ୍ଟ ଜିଲ୍ଲାପାଳ




ସାର୍ବଜନିନ କରାଉ ନାହାଁନ୍ତି,ଆମ ପାଖେ ଅସମର୍ଥିତ ସୂତ୍ରରୁ ଯାହା ଡାଟା ଅଛି ତାହା ଉଦବେଗଜନକ ଅଟେ ।ପ୍ରତି ୧୦୦୦. ପୁଅରେ ମାତ୍ର ୭୮୦ ରେ ପହଂଚିଛି, ଯଦି ଏହା ସତ୍ୟ ହୋଇଥାଏ ତେବେ ଏହା ପ୍ରତ୍ୟେକ ନୟାଗଡ଼ ବାସୀଙ୍କ ସାଙ୍ଘାତିକ କଥା କ୍ଷ ଆମେ ମୂଳରୁ କହିଛୁ ପିସି-ପିଏନଡିଟି ଆଇନ ଏବଂ ବେଟି ବଚାଓ-ବେଟି ପଢାଓ ବୈଧାନିକ ନିୟମାବଳୀ ଖିଲାପ ହେଲେ ଅସାଧୁ ଅଲଟ୍ରାସାଉଣ୍ଡ ମାଲିକ ଏବଂ ଅର୍ଥପିପାସୁ ଡାକ୍ତର ଶିଶୁ ଲିଙ୍ଗାନୁପାତ ବୃଦ୍ଧି ପାଉଥିବା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ କ୍ଷରାଜ୍ୟ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଅଛି, ଜଣେ ଡାକ୍ତର, ରେଡ଼ିଓଲୋଜିଷ୍ଟ କିମ୍ବା ସୋନୋଲୋଜିଷ୍ଟ, ତାଙ୍କ ନାମରେ ପଞ୍ଜିକୃତ ଥିବା ଅଲଟ୍ରାସାଉଣ୍ଡ ମେସିନରେ ମାତ୍ର ୮ କିଲୋମିଟର ପରିଧି ଭିତରେ ତାଙ୍କୁ ଅନୁମତି ମିଳିଥିବା ଦିନ ଏବଂ ସମୟ ଭିତରେ ଅଲଟ୍ରାସାଉଣ୍ଡ କରିପାରିବେ କିନ୍ତୁ ନୟାଗଡ଼ ଜିଲ୍ଲାରେ ଏହି ନିୟମ କୁ ବର୍ଷବର୍ଷ ଧରି କାର୍ଯ୍ୟକାରୀ କରାଯାଉ ନାହିଁ । ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ଅନୁଗୁଳ ଜିଲ୍ଲାରୁ ବେଆଇନ ଭାବେ ଡାକ୍ତର ରେଡ଼ିଓଲୋଜିଷ୍ଟ ଆସି ନୟାଗଡ଼ରେ ଅଲଟ୍ରାସାଉଣ୍ଡ କରୁଛନ୍ତି । ସେମାନେ ଯେଉଁ ସବୁ ଘରୋଇ ଡାକ୍ତରଖାନା କିମ୍ବା ମେଡିକାଲ କଲେଜରେ ଚାକିରୀ କରୁଛନ୍ତି ସେ ସଂସ୍ଥା ର ଏନଓସି ଦେବା ବାଧ୍ୟତାମୂଳକ ଥିବାବେଳେ ତାହା ମଧ କଡାକଡି ପାଳନ ହେଉ ନାହିଁ । ଜଣେ ଡାକ୍ତର ନିର୍ଦ୍ଧାରିତ ସମୟ ଭିତରେ ଜଣେ ପ୍ରସୂତି ମହିଳାଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇ ତାଙ୍କର 'ଏଫ' ଫର୍ମ ପୂରଣ କରାଇବା ପାଇଁ ସର୍ବନିମ୍ନ ୧୫ ମିନିଟ ସମୟ ଲାଗୁଥିବା ବେଳେ ଗୋଟିଏଗୋଟିଏ ଅଲଟ୍ରାସାଉଣ୍ଡ କ୍ଲିନିକରେ ନିର୍ଦ୍ଧାରିତ ସମୟ ଭିତରେ ୧୫୦-୨୦୦ ରୋଗୀ ପରୀକ୍ଷା କେମିତି ଚାଲିଛି ବୋଲି ବରିଷ୍ଠ ଆଇନଜୀବୀ ଶ୍ରୀ ଦାଶ ନୟାଗଡ଼ ଜିଲ୍ଲାପାଳଙ୍କୁ ଟାର୍ଗେଟ କରିଛନ୍ତି କ୍ଷ ଅଲଟ୍ରାସାଉଣ୍ଡ କ୍ଲିନିକ ମାନେ ପ୍ରତ୍ୟେକ ମାସ ୫ ତାରିଖରେ ପୂର୍ବ ମାସରେ କରିଥିବା ସମସ୍ତ 'ଏଫ' ଫର୍ମ ସିଡିଏମଓ ଙ୍କ କାର୍ଯ୍ୟାଳୟ ପିସି-ପିଏନଡିଟି ବିଭାଗରେ ଦାଖଲ କରାଯିବା ନିୟମ ଅଛି ଏବଂ ଏଗୁଡିକ ପ୍ରତ୍ୟେକ ମାସରେ ଜିଲ୍ଲା ମନିଟରିଙ୍ଗ କମିଟି ରେ ଉପସ୍ଥାପିତ ହୋଇ ଅସଂଗତି ସମ୍ପର୍କିତ ଆଲୋଚନା ଏବଂ ସମ୍ପୃକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ କାଗଜପତ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପ୍ରାବଧାନ ପାଳନ କରାଯାଉ ନଥିବା ଜିଲ୍ଲାପାଳ ନୟାଗଡ଼ ଜନସାଧାରଣଙ୍କୁ ଉତ୍ତର ରଖିବା ପାଇଁ ଦାବୀ କରାଯାଇଛି । ଜିଲ୍ଲାବ୍ୟାପି ଅଲଟ୍ରାସାଉଣ୍ଡ କ୍ଲିନିକ ପ୍ରତ୍ୟେକ ୬ ମାସରେ ଜିଲ୍ଲା ମନିଟରିଙ୍ଗ କମିଟି ଯାଞ୍ଚ କରିବା ପାଇଁ ବୈଧାନିକ ନିୟମ ଥିବାବେଳେ, ଏହା କେବଳ କାଗଜପତ୍ରରେ ଚାଲିଛି କ୍ଷ ଆମେ ନୟାଗଡ଼ ବାସୀ କୋଉ ଅଲଟ୍ରାସାଉଣ୍ଡ କ୍ଲିନିକ ପ୍ରତି ୬ ମାସରେ ଯାଞ୍ଚ ହେବା କାହାର ଦୃଷ୍ଟି କୁ ଆସିନାହିଁ ।ଯଦି ଏହା କରାଯାଇଛି ତେବେ ତାହାର ଭିଡିଓ ଫୁଟେଜ ସାର୍ବଜନୀନ କରାଯାଉ ।

## ଲୟୋଲା ସ୍କୁଲ ଟାଇଁସର ଠାରେ ମହା ସମାରୋହରେ ଗୁରୁଦିବସ ପାଳିତ

କୁଚିଣ୍ଡା,୬।୯ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଲୟୋଲା ସ୍କୁଲ ଟାଇଁସର ଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲ ର ଅଧକ୍ଷ ଫାଦର ସାଓ୍ୱାରି ଏସଜେ ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କ ସୃଜନଶୀଳ ଶ୍ରେଣୀ ମାଧ୍ୟମରେ ପିଲାମାନଙ୍କର ସମାଲୋଚନାମୂଳକ ଚିନ୍ତାଧାରା ଗଠନ ଏବଂ ସେମାନଙ୍କର ଚରିତ୍ର ଗଠନ କରିବାରେ ପ୍ରତିଦିନ ସେମାନେ ଯେଉଁ ଆନ୍ତରିକ ପ୍ରୟାସ କରିଛନ୍ତି ତାହା ସ୍ୱୀକାର କରିଥିଲେ। ଫାଦର ସାଓ୍ୱାରି ଡ଼ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଉପରେ ଏକ ମୂଲ୍ୟବାନ ଭାଷଣ ମଧ ଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁରୁଦିବସର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମ ରେ ଅର୍ଣ୍ଣବ ସାହୁ ଏବଂ ଆୟୁଷ ପଟେଲ ସମସ୍ତ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।ପରେ ଦୀପ ପ୍ରଜ୍ୱଳନ ଏବଂ ଡ଼ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଶିକ୍ଷକମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କିଛି ଛୋଟ ଭାଷଣ ଦେଇଥିଲେ ।ଏହା ସହିତ ନୃତ୍ୟ, ଗୀତ ଏବଂ ଛାତ୍ର ଶିକ୍ଷକ ବନ୍ଧନକୁ ଦର୍ଶାଉଥିବା ଏକ ନାଟକ ମଧ ପରିବେଷଣ କରିଥିଲେ।

## ଗୁରୁଦିବସରେ ଗୁରୁ ପୂଜନ ଓ ପ୍ରାକ୍ତନ ଗୁରୁଙ୍କୁ ସମ୍ବର୍ଦ୍ଧନା

ଡେଲାଙ୍ଗ,୬।୯ :(ମନ୍ଥନ)ସମାଜରେ ଗୁରୁଙ୍କ ସ୍ଥାନ ସବୁଠୁ ଉର୍ଦ୍ଧ୍ୱରେ ଓ ତାଙ୍କର ଅବଦାନ ସହ କେହି ତୁଳନୀୟ ନୁହଁନ୍ତି ବୋଲି ଭାରତ ବର୍ଷର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଉପଲକ୍ଷେ ଗୁରୁ ଦିବସ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଅବସରପ୍ରାପ୍ତ ଗୁରୁ ସମ୍ବର୍ଦ୍ଧନା ପର୍ବ ପାଳନ ହୋଇଥିଲା। ଏହି ଅବସରରେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ଉପଲକ୍ଷେ ଗୁରୁ ପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଳଙ୍ଗା ସତ୍ୟ ଚେତନା ଅନୁଷ୍ଠାନର ପ୍ରମୁଖ କର୍ଣ୍ଣଧାର ପ୍ରଭାତ କୁମାର ମିଶ୍ର ଓ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ଡଃ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଓ ଗୁରୁ ଶିଷ୍ୟର ପବିତ୍ର ସମ୍ପର୍କ ଉପରେ ଆଲୋକପାତ୍ କରିଥିଲେ ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଗୁରୁ ପୂଜନ ଓ ସମ୍ବର୍ଦ୍ଧନ୍ନା ପର୍ବରେ ଅବସରପ୍ରାପ୍ତ ଗୁରୁ ତଥା ଶିକ୍ଷାବିତ୍



କାଶିନାଥ ମହାପାତ୍ର, ପାଲା ଗାୟକ ଗୁରୁ ଚରଣ ବଳ, ପ୍ରଶାନ୍ତ କୁମାର ଦାସଙ୍କ ସହ ଅତିଥିମାନଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନେ 'ହେ ଗୁରୁ ତୁମେ ମଙ୍ଗଳମୟ'ଗୁରୁ ବନ୍ଦନାରେ ନୃତ୍ୟ କରି ଗୁରୁ ପୂଜା କରିଥିଲେ । ପ୍ରଭାତ କୁମାର ମିଶ୍ର ଆଦର୍ଶ ଛାତ୍ର ଆୟୁଷ୍ମାନ ବିଶ୍ୱାଳ, ଆତ୍ମଜିତ୍ ବେହେରା, ଖୁସି ବାରିକ୍ ଓ ଅନ୍ୟ ଛାତ୍ର ଛାତ୍ରୀମାନଙ୍କ ବକ୍ତବ୍ୟ ଓ ଗୁରୁ ଭକ୍ତିରେ ମୁଗ୍ଧ ହୋଇ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୁରୁ ବନ୍ଦନା ଗାନ କରାଯାଇଥିଲା। ଅତିଥି ଓ ଗୁରୁମାନେ ଉପମନ୍ୟୁ ଓ ଜାରାଙ୍କ ଭଳି ମହାନ ଶିଷ୍ୟ,ଧୌମ୍ୟ , ଦ୍ରୋଣ, ରାମକୃଷ୍ଣ ପରମହଂସଙ୍କ ପରି ମହାନ୍ ଗୁରୁ ଓ ଗୁରୁ ଶିଷ୍ୟର ପବିତ୍ର ସମ୍ପର୍କ ସହ ଆଜିର ସମାଜର ଏକ ତୁଳନାତ୍ମକ ବିବରଣୀର ଅବତରଣ କରି ମୂଲ୍ୟବଧଭିତ୍ତିକ ବାର୍ତ୍ତା ଦେଇଥିଲେ। କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ସେଠୀ,ସୁସିଲ ବିଶ୍ୱାଳ, ପ୍ରସନ୍ନ ସାମନ୍ତରାୟଙ୍କ ସହ ବିଦ୍ୟାଳୟର ଗୁରୁଜୀ ଟିକେଇ ଦଳାଇ,ଅଜୟ କୁମାର ପ୍ରଧାନ,ମାନସ ରଂଜନ ସ୍ୱାଇଁ,ଗୁରୁ ମା ପାପଲିନ୍ ପ୍ରଧାନ , ସତ୍ୟଭାମା ବେହେରା, ରୋଜାଲିନ ମହାରଣା,ପ୍ରିୟଉମା ସାହୁ ଓ ପ୍ରତିମା ପତି ପ୍ରମୁଖ ଯୋଗଦେଇଥିଲେ।

## ଜଳେଶ୍ୱର ଇସ୍କନ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୬।୯ :(ମନ୍ଥନ)ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରିଲ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁ ପାଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଜଳେଶ୍ୱର ଇସ୍କନ ସଙ୍ଗଠନ ଓ ଆମ ଓଡିଶା ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ, ଶ୍ରୀଲ ପ୍ରଭୁପାଦ ବ୍ୟାସ ପୂଜା ଓ ନନ୍ଦ ଉତ୍ସବ ଅବସରରେ ଗୋବରଘାଟାସ୍ଥିତ ଇସ୍କନ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ପ୍ରାକ୍ତନ ନଗରପାଳ ପ୍ରବୀର କୁମାର ପ୍ରଧାନ, ଡାକ୍ତର ବିନୋଦ କୁମାର ପ୍ରଧାନ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଉପ ସଭାପତି ସୁବ୍ରତ କୁମାର ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ଓ ପ୍ରଭୁ ହେମ ହରିପଦ ଦାସ ବ୍ରହ୍ମଚାରୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।ରାଧାଶ୍ୟାମ ଦାସ, ନାରାୟଣ ଦତ୍ତ, ଚନ୍ଦନ ଦାସ, ନବୀନ ପ୍ରଧାନ, ଲକ୍ଷ୍ମୀଧର ବାରିକ ଏବଂ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ।

## ନୟାଗଡ଼ ଜିଲ୍ଲା କାରାଗାରରେ ସ୍ୱାବଲମ୍ବନ ଭିତ୍ତିକ ଦକ୍ଷତା କାର୍ଯକ୍ରମର ଉଦ୍‌ଘାଟନ

ନୟାଗଡ଼, ୬।୯ :(ମନ୍ଥନ)ନୟାଗଡ଼ ଜିଲ୍ଲା କାରାଗାର ପରିସରରେ ଏକ ସ୍ୱାବଲମ୍ବୀ ଦକ୍ଷତା ଭିତ୍ତିକ ତାଲିମ କାର୍ଯକ୍ରମ ଉଦ୍ ଘାଟିତ ହୋଇଯାଇଅଛି । ଉକ୍ତ ଉଦ୍ ଘାଟନ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲ୍ଲାର ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ମହୋଦୟା, ଜିଲ୍ଲା ସହକାରୀ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଜିଲ୍ଲା ସବ-ଡିଭିଜନାଲ ଆରକ୍ଷୀ ଅଧିକାରୀ ସୃଷ୍ଟି ପ୍ରଧାନ, ଜିଲ୍ଲା କାରାଗାର ଅଧୀକ୍ଷକ ଶ୍ରୀଯୁକ୍ତି ବାବୁଲି ବାରିକ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଶ୍ରୀଯୁକ୍ତି ମନସ୍ୱୀ ସେଠୀ ଓ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ ପ୍ରମୁଖ ଅଧିକାରୀ ମାନେ ଯୋଗଦେଇଥିଲେ । ପ୍ରଥମେ ଜିଲ୍ଲାପାଳ ମହୋଦୟା ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍ ଘାଟନ କରିବା ସହ କାରାଗାର ହିତାକାରୀ ମାନେ କିଭଳି କାରାଗାର ମଧ୍ୟରେ ଏବଂ କାରାଗାରରୁ ମୁକୁଳିବା ପରେ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଅକ୍ଷକ ଶ୍ରୀଯୁକ୍ତ ବାବୁଲି ବାରିକ




ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଶ୍ରୀଯୁକ୍ତ ମନସ୍ୱୀ ସେଠୀ ମହୋଦୟ ଆଗାମୀ ଦିନରେ କାରାଗାରରେ ତାଲିମ ନେବା ପରେ କାରାଗାର ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ କିଭଳି ବିକ୍ରି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ମହୋଦୟାଙ୍କୁ ଅନୁରୋଧ କରିଥିଲେ । ଜନ ଶିକ୍ଷଣ ସଂସ୍ଥାନ, ନୟାଗଡ଼ ତରଫରୁ ହିତାଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଭିତ୍ତିକ ତାଲିମ ଉପକରଣ ଜିଲ୍ଲାପାଳ ଓ ସହକାରୀ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଶେଷରେ ସମସ୍ତ ଅତିଥୀ କାରାଗାର ପରିସରରେ ପ୍ରସ୍ତୁତ ହେବାକୁ ଥିବା ତାଲିମ ସାମଗ୍ରୀ ଗୁଡିକର ନମୁନା ଦେଖିଥିଲେ । ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ ଉକ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଏବଂ କାରାଗାର ଅଧୀକ୍ଷକଙ୍କୁ ଧନ୍ୟବାଦ ଅର୍ପଣ ସହ ଆଗାମୀ ଦିନରେ ତାଲିମର ସଫଳ ରୂପାୟନ କାମନା କରିଥିଲେ।

## କୁକୁଡାଖଣ୍ଡି ବିଜ୍ଞାନ ମହାବିଦ୍ୟାଳୟରେ ଉଦ୍ୟାନ କୃଷି ସଚେତନତା କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୬।୯ :(ମନ୍ଥନ)ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟାନ କୃଷି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହାର ଉପକାରିତା ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ କୁକୁଡାଖଣ୍ଡିସ୍ଥିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏକ ଉଦ୍ୟାନ କୃଷି ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ବ୍ରହ୍ମପୁର ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କୁକୁଡାଖଣ୍ଡି ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ସମିଷ୍ଠା ମହାନ୍ତିଙ୍କ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷିର ଗୁରୁତ୍ୱ, ଏହାର ଉପକାରିତା ଏବଂ ଏହି କ୍ଷେତ୍ରରେ ଥିବା ରୋଜଗାର ସମ୍ଭାବନା ସମ୍ପର୍କରେ



ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଫଳ, ପନିପରିବା, ଫୁଲ ଓ ବିଭିନ୍ନ ଉଦ୍ୟାନ ଫସଲ ଚାଷ ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହୋଇପାରିବ, ସେନେଇ ମଧ ଆଲୋଚନା କରାଯାଇଥିଲା। ଉଦ୍ୟାନ କୃଷି ଅଧିକାରୀ ଗୀତାଞ୍ଜଳି ସାହୁ କହିଥିଲେ ଯେ, ଆଧୁନିକ ପଦ୍ଧତିରେ ଉଦ୍ୟାନ କୃଷି କରି ଅଳ୍ପ ଜମିରେ ମଧ ଭଲ ଉତ୍ପାଦନ ଓ ଆର୍ଥିକ ଲାଭ ହାସଲ କରାଯାଇପାରିବ। ଏହା ଯୁବପିଢ଼ିଙ୍କ ପାଇଁ ରୋଜଗାର ଓ ସ୍ୱାବଲମ୍ବନର ଏକ ଉତ୍ତମ ମାଧ୍ୟମ ବୋଲି ସେ କହିଥିଲେ ।ଛାତ୍ରଛାତ୍ରୀମାନଙ୍କୁ ନିଜ ଘର ଓ ଆଖପାଖ ଅଞ୍ଚଳରେ ଛୋଟ ଛୋଟ ଉଦ୍ୟାନ ସୃଷ୍ଟି କରି ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଜଣାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍ୟାନ କୃଷି ପ୍ରତି ଆଗ୍ରହୀ ହେବାକୁ ଉତ୍ସାହିତ କରିଥିଲେ।

## ବୁଗୁଡ଼ାରେ ଗୁରୁ ଦିବସ ପାଳିତ

ବୁଗୁଡ଼ା,୬।୯ :(ମନ୍ଥନ) ବୁଗୁଡା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବୁଗୁଡା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ବଳଦେବସ୍ୱାମୀ ମନ୍ଦିର ପରିସରସ୍ଥ କଲ୍ୟାଣୀ ମଣ୍ଡପଠାରେ ସଭାପତି ପ୍ରତାପ କୁମାର ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଗୁରୁ ପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ହରିକୃଷ୍ଣ ପାତ୍ର , ମୁଖ୍ୟ ବକ୍ତା ଭାବେ ଏବିଇଓ ରବିନ୍ଦ୍ର ବେହେରା , ସମ୍ମାନିତ ଅତିଥି ଭାବେ ନଗର ବିଜେପି ସଭାପତି କେଦାର ନାଥ ମହାରଣା, ବିଜେପି ଯୁବନେତା କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ଅଧିବକ୍ତା ହର ପ୍ରସାଦ ଦାଶ, ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ମନୋରଞ୍ଜନ ଦାଶ, ଏବିଇଓ କୃଷ୍ଣଚନ୍ଦ୍ର ବେହେରା, ଏନପିଏସ୍ ଶିକ୍ଷକ ସଂଘ ସଭାପତି ପିତାମ୍ବର ଗୌଡ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ପିତବାସ ସାହୁ, ସିମାଟିକ୍ ଶିକ୍ଷକ ସଂଘ ସଭାପତି ନିରଞ୍ଜନ ଗୌଡ ପ୍ରମୁଖ ଯୋଗ ପ୍ରାକ୍ତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଚାରଣ ସାଙ୍ଗକୁ ଦେଶକୁ ଗଢିତୋଳିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ । ଏ ଅବସରରେ ୧୪ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହ ସ୍ୱର୍ଗତ ଶିକ୍ଷକ ଧ୍ରୁବ ଚରଣ ପାଣିଗ୍ରାହୀ ସ୍ୱର୍ଗତା ଶିକ୍ଷୟିତ୍ରୀ ବନବାସିନୀ ପାତ୍ରଙ୍କ ଆତ୍ମାର ସଦଗତି ପାଇଁ ସାମୁହିକ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଶେଷରେ ସିଆରସିସି ଦେବଦତ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ସେହିପରି ପିପୁଲ୍ସ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଇକ୍ୟୁଏସି ସହସଂଯୋଜକ ଆତ୍ମ ପ୍ରକାଶ ନାୟକଙ୍କ ପୌରୋହିତ୍ୟରେ ଗୁରୁ ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପିପୁଲ୍ସ ହାଇସ୍କୁଲ, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ,ବୁଦ୍ଧଗିରି ବିଦ୍ୟାପୀଠ,ନିୟୁ ଏରା ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନୁଶିକ୍ଷଣ କେନ୍ଦ୍ରରେ ମଧ ପବିତ୍ର ଗୁରୁ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି।

## ନୂତନ ଭାବେ ମୁଖ୍ୟ ବଜାର ରାସ୍ତାରେ ଲାଗିଥିବା ଆଲୋକୀକରଣ ବନ୍ଦ

ଗଞ୍ଜାମ,୬।୯ :(ମନ୍ଥନ)ଗଞ୍ଜାମ ସହରରେ ଲାଗିଥିବା ବଡ଼ ବଜାର ଠାରୁ ସାନ ବଜାର ମଧ୍ୟରେ ଲାଗିଥିବା ବିଦ୍ୟୁତ ଖମ୍ବ ଗୁଡିକରେ ଆଲୋକୀକରଣ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି । ତିନିଦିନ ତଳେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହରର ଦାମୋଦରପୁର ଠାରୁ ପୁଇଁତୋଳା ନିକଟସ୍ଥ ଗଞ୍ଜାମ ଥାନା ପର୍ଯ୍ୟନ୍ତ ନୂତନ ଭାବେ ବିଦ୍ୟୁତ ଖମ୍ବ ପୋତାଯାଇ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା କ୍ଷ ଯାହାକୁ ନେଇ ସହରର ଆଲୋକୀକରଣ ବ୍ୟବସ୍ଥା ଦେଖି ସ୍ଥାନୀୟ ଅଂଚଳବାସୀ ଖୁସି ଜାହିର କରିଥିଲେ । କିନ୍ତୁ ଲାଇଟ ଲାଗିବାର ମାତ୍ର ଏକ ଘଣ୍ଟା ପରେ ବଡ଼ ବଜାର ଠାରୁ ସାନ ବଜାର ମଧ୍ୟର ହଠାତ ଲାଇଟ ଲିଭି ଯାଇଥିଲା କ୍ଷ ଶୁକ୍ରବାର ରାତ୍ର ପର୍ଯ୍ୟନ୍ତ ଲାଇଟ ଲାଗିନଥିବାରୁ ବୁଦ୍ଧିଜୀବୀ ମହଲରେ ଉକ୍ତ ସମସ୍ୟା କୁ ନାପସନ୍ଦ କରାଯାଇଛି । ଏନେଇ ନାନା ଆଲୋଚନା ହେଉଛି । ନୂତନ ଭାବେ ଲାଗିଥିବା ଲାଇଟ କିପରି ବନ୍ଦ ହେଲା ଏହା ଡୁପ୍ଲିକେଟ ଲାଇଟ ବ୍ୟବସ୍ଥା ଏଥିରେ ପିସି ଅଧିକ ରହିଛି ଏପରିକି ସହରରେ ଏନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି । ଅନ୍ୟପଟେ ଦାମୋଦରପୁର ଗ୍ରାମ ନିକଟରେ ମଧ ସ୍ୱାଗତ ଖମ୍ବରେ ମଧ ଲାଇଟ ବନ୍ଦ ହୋଇରହିଛି । ତେଣୁ ତୁରନ୍ତ ଏଥି ପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି ।

ମହାନ

ସୋମବାର ୦୭ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Monday September 07 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆନ୍ଦୋଳନରେ ହିଂସା

ଗଣତନ୍ତ୍ରରେ ଦାବି ରଖିବାର ଅଧିକାର ଅଛି, ପ୍ରତିବାଦ କରିବାର ଅଧିକାର ଅଛି, ସରକାରଙ୍କ ନୀତିକୁ ପ୍ରଶ୍ନ କରିବାର ଅଧିକାର ଅଛି । କିନ୍ତୁ ଗଣତନ୍ତ୍ର କେବେ ମଧ୍ୟ ହିଂସାକୁ ଅନୁମତି ଦିଏନାହିଁ। ନିଜ ଦାବି ପାଇଁ ରାସ୍ତାକୁ ଆସିବା ଏକ ଗଣତାନ୍ତ୍ରିକ ଅଧିକାର; ସାଧାରଣ ଲୋକଙ୍କ ସମ୍ପତ୍ତି ଭାଙ୍ଗିବା, ଗାଡ଼ି ଧ୍ୱଂସ କରିବା, ପୁଲିସ ଯାନକୁ କ୍ଷତି ପହଞ୍ଚାଇବା ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଅଧିକାର ନୁହେଁ—ଏହା ଆଇନର ସୀମା ଅତିକ୍ରମ। ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଅନଲାଇନ୍ ଟ୍ୟାକ୍ସି ସଂଘର ଆନ୍ଦୋଳନକୁ ନେଇ ଯଦି ଚଉଦଟି 'ଆମ ବସ୍?' ଧ୍ୱଂସ କରାଯାଇଥିବା ଏବଂ ପୁଲିସ ଯାନ କ୍ଷତିଗ୍ରସ୍ତ ହୋଇଥିବା ଘଟଣା ସତ୍ୟ, ତେବେ ଏହାକୁ କେବଳ ଏକ ସଂଘର ଆନ୍ଦୋଳନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ସିଧାସଳଖ ଭାବେ ଆଇନ ଓ ଶୃଙ୍ଖଳା, ସାଧାରଣ ସମ୍ପତ୍ତିର ସୁରକ୍ଷା ଏବଂ ନାଗରିକଙ୍କ ସୁରକ୍ଷା ସହ ଜଡ଼ିତ ପ୍ରଶ୍ନ। ଆନ୍ଦୋଳନ ପାଇଁ ଅନୁମତି ଆବଶ୍ୟକ ଥିଲା କି ନାହିଁ, ନିର୍ଦ୍ଧାରିତ ସ୍ଥାନ ଓ ସର୍ତ୍ତ ଉଲ୍ଲଂଘନ ହୋଇଥିଲା କି ନାହିଁ, କିଏ ହିଂସା ଆରମ୍ଭ କଲା, କିଏ ସରକାରୀ ବା ସାଧାରଣ ସମ୍ପତ୍ତି ନଷ୍ଟ କଲା—ଏସବୁର ନିଷ୍ପକ୍ଷ ତଦନ୍ତ ହେବା ଦରକାର। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅଧୀନରେ ଯଦି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥାଏ, ତେବେ ସେହି ନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଶାନ୍ତି, ସୁରକ୍ଷା ଓ ସାଧାରଣ ଜୀବନର ସୁରକ୍ଷା। ତାହାକୁ ଅମାନ୍ୟ କରି ଭିଡ଼ ହିଂସ୍ର ହେଲେ ତାହାକୁ ଆନ୍ଦୋଳନର ସ୍ୱାଭାବିକ ଅଂଶ ବୋଲି କହିବା ଆଇନର ଶାସନକୁ ଦୁର୍ବଳ କରିବ। ଏଠାରେ ଆଉ ଏକ କଥା ସ୍ପଷ୍ଟ ହେବା ଦରକାର—ବେସରକାରୀ ସଂଘର ନିଜସ୍ୱ ବ୍ୟବସାୟିକ ଦାବି କିମ୍ବା ବିବାଦକୁ ସରକାରୀ ସମ୍ପତ୍ତି ଧ୍ୱଂସର ମାଧ୍ୟମରେ ସମାଧାନ କରାଯାଇପାରେ ନାହିଁ। ଯଦି କୌଣସି ନୀତି, ନିୟମ, ଭଡ଼ା, ଅନୁମତି, ବ୍ୟାବସାୟିକ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଅଛି, ତେବେ ଆଲୋଚନା, ସ୍ମାରକପତ୍ର, ଆଇନଗତ ପଦକ୍ଷେପ, ଶାନ୍ତିପୂର୍ଣ୍ଣ ଧାରଣା ଓ ଅନୁମୋଦିତ ପ୍ରତିବାଦ ହେଉଛି ଗଣତାନ୍ତ୍ରିକ ପଥ। କିନ୍ତୁ ରାସ୍ତାରେ ଆଇନ ହାତକୁ ନେଇ ହିଂସା କରିବା ଗ୍ରହଣୀୟ ନୁହେଁ। ଆମ ବସ୍? କେବଳ ଏକ ସରକାରୀ ଯାନ ନୁହେଁ। ଏହା ସାଧାରଣ ଲୋକଙ୍କ ଯାତାୟାତ ସୁବିଧା ସହ ଜଡ଼ିତ। ଏକ ବସ୍? ଭାଙ୍ଗିଲେ କ୍ଷତି କେବଳ ଗାଡ଼ିର ହୁଏ ନାହିଁ; ତାହାର ଭାର ଶେଷରେ ଜନସାଧାରଣଙ୍କ ଉପରେ ପଡ଼େ?। ଚଉଦଟି ବସ୍? ନଷ୍ଟ ହୋଇଥିଲେ ତାହାର ଅର୍ଥ ହେଉଛି ଚଉଦଟି ଜନସେବାର ସାଧନ କ୍ଷତିଗ୍ରସ୍ତ। ସେହି କ୍ଷତିର ମୂଲ୍ୟ କିଏ ଦେବ? ସାଧାରଣ ଲୋକଙ୍କ କରର ଟଙ୍କାରେ ପୁଣି ସେହି ସମ୍ପତ୍ତି ମରାମତି ହେବ। ତେଣୁ ସାଧାରଣ ସମ୍ପତ୍ତି ଧ୍ୱଂସ କରିବା ମାନେ ଶେଷରେ ଜନତାଙ୍କ ଟଙ୍କା ଉପରେ ଆଘାତ କରିବା। ପୁଲିସ ଯାନ କ୍ଷତିଗ୍ରସ୍ତ କରିବା ତାଠାରୁ ଅଧିକ ଗମ୍ଭୀର। ଆଇନ ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଯେଉଁ ପୁଲିସକର୍ମୀମାନେ ଘଟଣାସ୍ଥଳରେ ରହନ୍ତି, ସେମାନଙ୍କ ଯାନକୁ ଆକ୍ରମଣ କରିବା ରାଜ୍ୟର ଆଇନ ବ୍ୟବସ୍ଥାକୁ ସିଧାସଳଖ ଚ୍ୟାଲେଞ୍ଜ। ଗଣତନ୍ତ୍ରରେ ପୁଲିସକୁ ପ୍ରଶ୍ନ କରାଯାଇପାରେ, ପୁଲିସର କାର୍ଯ୍ୟପଦ୍ଧତି ଉପରେ ଅଭିଯୋଗ କରାଯାଇପାରେ, କିନ୍ତୁ ପୁଲିସ ଯାନ ଧ୍ୱଂସ କରିବା କୌଣସି ସମାଧାନ ନୁହେଁ। ଆନ୍ଦୋଳନକାରୀମାନେ ଏକ କଥା ବୁଝିବା ଆବଶ୍ୟକ—ଦାବିର ନ୍ୟାୟସଙ୍ଗତତା ଏବଂ ଆନ୍ଦୋଳନର ପଦ୍ଧତି ଦୁଇଟି ଭିନ୍ନ ବିଷୟ। ଦାବି ନ୍ୟାୟସଙ୍ଗତ ହୋଇପାରେ, କିନ୍ତୁ ହିଂସ୍ର ପଦ୍ଧତି ତାହାକୁ ନ୍ୟାୟସଙ୍ଗତ କରିଦିଏ ନାହିଁ। ବରଂ ହିଂସା ଦାବିର ନୈତିକ ଶକ୍ତିକୁ ଦୁର୍ବଳ କରେ। ସେଥିପାଇଁ ପ୍ରଶାସନଙ୍କ ଦାୟିତ୍ୱ ମଧ୍ୟ ସ୍ପଷ୍ଟ—ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ଯିଏ ହିଂସା କରିଛି, ସେ କେଉଁ ସଂଘର, କେଉଁ ଦଳର କିମ୍ବା କେଉଁ ପେଶାର ହେଉନା କାହିଁକି, ପ୍ରମାଣ ଆଧାରରେ ତାଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ହେବା ଆବଶ୍ୟକ। ଏହି କାର୍ଯ୍ୟାନୁଷ୍ଠାନ ପ୍ରତିଶୋଧ ନୁହେଁ; ଏହା ଆଇନର ଶାସନ ପ୍ରତିଷ୍ଠାର ଆବଶ୍ୟକତା। ସେହିପରି, ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ପୁଲିସକର୍ମୀ ନିଜ କର୍ତ୍ତବ୍ୟ ପାଳନରେ ଅନିୟମ କରିଥିବାର ପ୍ରମାଣ ମିଳେ, ତାଙ୍କ ବିରୋଧରେ ମଧ୍ୟ ଆଇନସମ୍ମତ ତଦନ୍ତ ହେବା ଦରକାର। ନ୍ୟାୟର ମୂଳ ନୀତି ହେଉଛି—କେହି ଆଇନରୁ ଉପରେ ନୁହେଁ। ମାଷ୍ଟର କ୍ୟାଣ୍ଟିନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନରେ ଅନୁମତି ବିନା ଆନ୍ଦୋଳନ କରାଯାଇଥିଲେ ଏବଂ ତାହାରୁ ଯାତାୟାତ ବ୍ୟବସ୍ଥା ଓ ସାଧାରଣ ଜୀବନ ବାଧାପ୍ରାପ୍ତ ହୋଇଥିଲେ, ପ୍ରଶାସନଙ୍କୁ ଆରମ୍ଭରୁ ଆଇନସମ୍ମତ ଓ ସଂଯମୀ ପଦକ୍ଷେପ ନେବାକୁ ହେବ। ଭିଡ଼ ଜମିବା ପୂର୍ବରୁ ସଂଳାପ, ସ୍ପଷ୍ଟ ନିର୍ଦ୍ଦେଶ ଓ ବିକଳ୍ପ ସ୍ଥାନ ଦେବା ଭଳି ପଦକ୍ଷେପ ଉତ୍ତ?ଜନା ହ୍ରାସ କରିପାରେ। କିନ୍ତୁ ଥରେ ହିଂସା ଆରମ୍ଭ ହେଲେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଥମ ଦାୟିତ୍ୱ ହୋଇଯାଏ। ଆମେ ଏଠାରେ ଏକ ମୌଳିକ ପ୍ରଶ୍ନ କରିବା ଦରକାର—କୌଣସି ବେସରକାରୀ ଆନ୍ଦୋଳନର ଦାବି ପାଇଁ ସରକାର କାହିଁକି ଜନସମ୍ପତ୍ତିର କ୍ଷତିର ଭାର ବହନ କରିବ? ସରକାରଙ୍କ ଭୂମିକା ହେଉଛି ଆଇନ ଅନୁସାରେ ସମସ୍ତ ପକ୍ଷଙ୍କ କଥା ଶୁଣିବା, ଯଥାର୍ଥ ଦାବିର ସମାଧାନ ଖୋଜିବା ଏବଂ ଆଇନ ଭାଙ୍ଗିଲେ ଆଇନ ଅନୁସାରେ ପଦକ୍ଷେପ ନେବା। କୌଣସି ବେସରକାରୀ ସଂଘର ବ୍ୟବସାୟିକ ବିବାଦରେ ସରକାର ନିଜ ସମ୍ପତ୍ତି ଧ୍ୱଂସ ହେବାକୁ ଦେଇପାରେ ନାହିଁ। ଜନତାଙ୍କ ସମ୍ପତ୍ତି ଜନତାଙ୍କର; ତାହାକୁ ସୁରକ୍ଷା କରିବା ରାଜ୍ୟର ଦାୟିତ୍ୱ। ଏହି ଘଟଣା ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି—ଆନ୍ଦୋଳନର ଅର୍ଥ ଅରାଜକତା ନୁହେଁ। ଅଧିକାରର ଅର୍ଥ ଅସୀମ ସ୍ୱାଧୀନତା ନୁହେଁ। ପ୍ରତ୍ୟେକ ଅଧିକାର ସହିତ ଦାୟିତ୍ୱ ଯୋଡ଼ିତ। ନିଜ ଦାବି ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ଅନ୍ୟ ନାଗରିକଙ୍କ ଜୀବନ, ସୁରକ୍ଷା, ଯାତାୟାତ ଓ ସମ୍ପତ୍ତିକୁ ବିପଦରେ ପକାଇବାର ଅଧିକାର ରଖେନାହିଁ। ଆମ ବସ୍?ର ଚାଳକ, ପରିଚାଳକ, ଯାତ୍ରୀ ଓ ପଥଚାରୀମାନଙ୍କ ସୁରକ୍ଷା କୌଣସି ଆନ୍ଦୋଳନଠାରୁ ଛୋଟ ନୁହେଁ। ଜଣେ ନିରୀହ ଯାତ୍ରୀଙ୍କ ଜୀବନ ଯଦି ଏପରି ହିଂସାରେ ବିପଦରେ ପଡ଼େ?, ତାହାର ଦାୟିତ୍ୱ କିଏ ନେବ? ଏହି ପ୍ରଶ୍ନର ଉତ୍ତର ସମାଜକୁ ଖୋଜିବାକୁ ହେବ। ତେଣୁ ଆଜିର ଆବଶ୍ୟକତା ହେଉଛି କଠୋରତା ସହିତ ନ୍ୟାୟ, ଏବଂ ନ୍ୟାୟ ସହିତ ସଂଯମ। ହିଂସାକାରୀଙ୍କ ବିରୋଧରେ ଆଇନ ଅନୁସାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେଉ; ନଷ୍ଟ ହୋଇଥିବା ସରକାରୀ ସମ୍ପତ୍ତିର କ୍ଷତିର ମୂଲ୍ୟାୟନ ହେଉ; ଘଟଣାର ସମ୍ପୂର୍ଣ୍ଣ ଚିତ୍ର ପାଇଁ ଉପଲବ୍ଧ ପ୍ରମାଣ, ଦୃଶ୍ୟ ରେକର୍ଡ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରାଯାଉ; ଏବଂ ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ ନକରାଯାଉ। ସେହି ସମୟରେ ଆନ୍ଦୋଳନକାରୀଙ୍କ ଯଥାର୍ଥ ଅଭିଯୋଗ ଥିଲେ ତାହାକୁ ଆଲୋଚନାର ଟେବୁଲକୁ ଆଣାଯାଉ। ଗଣତନ୍ତ୍ରରେ ସଂଳାପର ଦ୍ୱାର କେବେ ବନ୍ଦ ହେବା ଉଚିତ ନୁହେଁ; କିନ୍ତୁ ସଂଳାପର ଦ୍ୱାର ଖୋଲା ରଖିବାର ଅର୍ଥ ଆଇନ ଭାଙ୍ଗିବାକୁ ଛାଡ଼ ଦେବା ନୁହେଁ। ଆଜି ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବାର ସମୟ—ଆନ୍ଦୋଳନକୁ ସମ୍ମାନ, ଦାବିକୁ ଶୁଣାଣି, କିନ୍ତୁ ହିଂସାକୁ ଶୂନ୍ୟ ସହନଶୀଳତା। ରାଜ୍ୟର ରାସ୍ତା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ସରକାରୀ ବସ୍? କାହାର ବ୍ୟକ୍ତିଗତ ଶତ୍ରୁ ନୁହେଁ; ପୁଲିସ ଯାନ ଭାଙ୍ଗିବା କୌଣସି ଦାବିକୁ ନ୍ୟାୟସଙ୍ଗତ କରେନାହିଁ। ଆଇନ ହାତକୁ ନେଲେ ଗଣତନ୍ତ୍ର ଶକ୍ତିଶାଳୀ ହୁଏନାହିଁ, ବରଂ ଦୁର୍ବଳ ହୁଏ। ଓଡ଼ିଶାର ରାଜଧାନୀରେ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ପ୍ରଶାସନ, ପୁଲିସ, ପରିବହନ ସଂସ୍ଥା ଓ ସମ୍ପୃକ୍ତ ସଂଘ—ସମସ୍ତଙ୍କୁ ଦାୟିତ୍ୱଶୀଳ ହେବାକୁ ପଡ଼ିବ। ଦାବି ରହୁ, ପ୍ରତିବାଦ ରହୁ, ଆନ୍ଦୋଳନ ରହୁ—କିନ୍ତୁ ଓଡ଼ିଶାର ରାସ୍ତାରେ ହିଂସା ନୁହେଁ। ଜନସମ୍ପତ୍ତି ଧ୍ୱଂସ ନୁହେଁ। ଆଇନକୁ ଅବମାନନା ନୁହେଁ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ମଧ୍ୟ ଶାନ୍ତିପୂର୍ଣ୍ଣ ସଂଳାପ। ଏହି ସୀମା ଅତିକ୍ରମ କଲେ ଦାବି ଯେତେ ଯଥାର୍ଥ ହେଉ, ହିଂସା ତାହାର ନୈତିକ ଭିତ୍ତିକୁ ଧ୍ୱଂସ କରିଦିଏ। ତେଣୁ ମାଷ୍ଟର କ୍ୟାଣ୍ଟିନ ଘଟଣାରୁ ଏକ ଦୃଢ଼ ସନ୍ଦେଶ ବାହାରିବା ଦରକାର—ଆଇନ ମାନି ଆନ୍ଦୋଳନ କରନ୍ତୁ, ଆଇନ ଭାଙ୍ଗି ଆନ୍ଦୋଳନର ନାମ ଖରାପ କରନ୍ତୁ ନାହିଁ। ଗଣତନ୍ତ୍ରରେ ଅଧିକାର ଅଛି, କିନ୍ତୁ ହିଂସାର ଅଧିକାର କାହାରି ନାହିଁ। ଲୋକତନ୍ତ୍ରରେ ନିଜ ଦାବି ଉଠାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର, କିନ୍ତୁ ଦାବି ପୂରଣ ପାଇଁ ରାସ୍ତାରେ ହିଂସା, ଭଙ୍ଗାରୁଜା, ଯାନବାହନର ଟାୟାର ଖୋଲିଦେବା, ସାଧାରଣ ସମ୍ପତ୍ତି ନଷ୍ଟ କରିବା କିମ୍ବା ଲୋକଙ୍କ ଜୀବନକୁ ବିପଦରେ ପକାଇବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇପାରେ ନାହିଁ। ବିଶେଷକରି ଯଦି ଦାବିଟି ଏକ ବେସରକାରୀ ବ୍ୟାବସାୟିକ ସଂସ୍ଥା କିମ୍ବା ସେବା ସହ ଜଡ଼ିତ, ତେବେ ସେହି ଦାବିର ଦାୟିତ୍ୱ ସରକାରଙ୍କ ଉପରେ ଅନ୍ଧାଭାବେ ଚାପିଦେବା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ। ସରକାର ନିୟମ ତିଆରି କରିପାରେ, ଆଇନ ପ୍ରୟୋଗ କରିପାରେ, ଆଲୋଚନାର ମଞ୍ଚ ଦେଇପାରେ ଏବଂ ଆଇନଶୃଙ୍ଖଳା ରକ୍ଷା କରିପାରେ; କିନ୍ତୁ ପ୍ରତ୍ୟେକ ବେସରକାରୀ ବ୍ୟାବସାୟିକ ବିବାଦରେ ସରକାର ନିଜେ ପକ୍ଷ ନେଇ ଦାବି ପୂରଣ କରିବ—ଏପରି ଧାରଣା ଲୋକତାନ୍ତ୍ରିକ ଶାସନର ସ୍ୱାଭାବିକ ପଦ୍ଧତି ନୁହେଁ। ଆଉ ଅଧିକ ଚିନ୍ତାଜନକ କଥା ହେଉଛି, ଆନ୍ଦୋଳନର ନାମରେ ଯଦି କୌଣସି ଯାନବାହନର ଟାୟାରରେ ହାୱା ଖୋଲିଦିଆଯାଏ, ଯାନ ଅଚଳ କରାଯାଏ କିମ୍ବା ଚାଳକ ଓ ଯାତ୍ରୀଙ୍କୁ ବିପଦରେ ପକାଯାଏ, ତେବେ ଏହା କେବଳ ଏକ ପ୍ରତିବାଦ ନୁହେଁ, ଏହା ସିଧାସଳଖ ଭାବରେ ଲୋକସୁରକ୍ଷାର ପ୍ରଶ୍ନ ହୋଇଯାଏ।

# ପରଂବ୍ରହ୍ମଙ୍କ ନିମଦାରୁ ମୂର୍ତ୍ତିର ମହତ୍ତ୍ୱ

**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**

ଧର୍ମ ଦିଗରୁ ଜଗନ୍ନାଥ ଯେପରି ଶ୍ରେଷ୍ଠ ଦେବତା - ଜଗତର ନାଥ, ସାମାଜିକତା ଦୃଷ୍ଟିରୁ ସେ ଯେପରି ଦୀନ ଜନତାର ବନ୍ଧୁ-ଦୀନବନ୍ଧୁ ଓ ଜଗବନ୍ଧୁ, ସାମ୍ପ୍ରତିକ ଆନ୍ତର୍ଜାତିକ ବିଚାରରେ ସେ ସେହିଭଳି ବିଶ୍ୱ ଭାତୃତ୍ୱର ପ୍ରତୀକ। ଅନ୍ୟ କୌଣସି କାଷ୍ଠରେ ନିର୍ମିତ ନ ହୋଇ ଠାକୁରଗଣ ନିମ କାଷ୍ଠରେ ନିର୍ମିତ ହେବା ଏହି ବିଶ୍ୱ ଭ୍ରାତୃତ୍ୱର ସଙ୍କେତ ବହନ କରେ। କାରଣ ନିମକାଷ୍ଠ, ମୈତ୍ରୀ ପ୍ରୀତିର ପ୍ରତୀକ। ମଳୟ ସ୍ପର୍ଶରେ ଏହା 'ମହାସୌରଭ' ବିତରଣ କରିଥାଏ ଏବଂ ଏହା ଯେତିକି ପୁରୁଣା ହୁଏ, ସେତିକି ମଧୁର ସ୍ୱାଦଯୁକ୍ତ ହୁଏ। ଗୀତାର ପୁରୁଷୋତ୍ତମ ଯୋଗ, ଶାବରତନ୍ତ୍ର ଓ ରାଧିକା ସହସ୍ରନାମ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ନିମଦାରୁର ଶ୍ରେଷ୍ଠତ୍ୱ ପ୍ରତିପାଦିତ। ଏହା ପ୍ରୀତିପ୍ରଦ ମୈତ୍ରୀବୃକ୍ଷ ତଥା 'ଦେବଦାରୁ' ରୂପେ ଗୃହୀତ। ଏହି ପ୍ରୀତିପ୍ରଦାୟକ ନିମଦାରୁ ବିଶ୍ୱ ମୈତ୍ରୀର ସଙ୍କେତ ବହନ କରେ।

ରୂପ ଓ ଅରୂପ, ସଗୁଣ ବହ୍ମ ଓ ନିର୍ଗୁଣ ବ୍ରହ୍ମ ଏବଂ ସାକାର ଓ ନିରାକାର ସମ୍ଭୂତ ଅଚିନ୍ତ୍ୟ ରୂପ ଓ ବିଚିତ୍ର ଆକୃତସମ୍ପନ୍ନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କ ମୂର୍ତ୍ତିରୂପରେ ତାତ୍ତ୍ୱିକ ମହତ୍ୱ ବାସ୍ତବିକ ଅତି ରହସ୍ୟମୟ। ସେ 'ନିରାକାର ଜ୍ୟୋତିର୍ମୟ', ସେ 'ସହସ୍ରାଶୀର୍ଷା ବିରାଟ ପୁରୁଷ', 'ଯଜ୍ଞ-ନୃସିଂହ' (ଯଜ୍ଞେଶ୍ୱର ବା ଯଜ୍ଞ ପୁରୁଷ), ନୀଳାଖ୍ୟ ମୂର୍ତ୍ତି ବା ନୀଳମାଧବ। ପ୍ରାଚୀନ କାଳରେ ପ୍ରଥମାବସ୍ଥାରେ ନିର୍ଗୁଣ ଓ ନିରାକାର ଜ୍ୟୋତିର୍ମୟ, ବ୍ରହ୍ମ ଯେତେବେଳେ ମୁନି, ଋଷି, ଅବତାରୀ ପୁରୁଷ ଓ ଦେବତାମାନଙ୍କ ଦ୍ୱାରା ଉପାସିତ ହେଉଥିଲେ, ସେ ସମୟରେ ସେହି ନାରାୟଣ ଜ୍ୟୋତି ଅପୌରୁଷେୟ ପରଂବ୍ରହ୍ମଙ୍କ କୌଣସି ରୂପ ବା ଆକୃତି ନଥିଲା କିମ୍ବା କୌଣସି ମନ୍ଦିରର ଗମ୍ଭୀରା ବା ଦେଉଳ ମଧ୍ୟରେ ସ୍ଥାପିତ ହୋଇନଥିଲେ। ସେ ଥିଲେ କେବଳ ଜ୍ୟୋତିର୍ମୟ, ଏକ ଜ୍ୟୋତିଃ ପ୍ରକାଶନ ବସ୍ତୁ। ତାଙ୍କୁ ଜ୍ୟୋତି ପ୍ରକାଶୋ ଭଗବାନ ସାକ୍ଷାତ ନାରାୟଣ ପ୍ରଭୁ' ରୂପେ ଗ୍ରହଣ କରାଯାଉଥିଲା।

ଶ୍ରୀଜୀଉମାନଙ୍କର ଯେଉଁ ନବକଳେବର ଅନୁଷ୍ଠିତ ହୁଏ, ତାହା ସାଧାରଣ ନିମଦାରୁରେ ହୋଇନଥାଏ। ସେଥିପାଇଁ କାକଟପୁର ମଙ୍ଗଳାଙ୍କ ସ୍ୱପ୍ନାଦେଶ ପ୍ରକାରେ ବିଶେଷ ନିମ ବୃକ୍ଷର ସନ୍ଧାନ କରିବାକୁ ପଡ଼ିଥାଏ, ଯେମିତି ତାହା ଚତୁର୍ଶାଖ ବିଶିଷ୍ଟ ହୋଇଥିବ, କୌଣସି ମଠ, ମନ୍ଦିର, ଉଇହୁଙ୍କା, ନଦୀ, ଶ୍ମଶାନ ବା ସର୍ପବିଲ ନିକଟରେ ଥିବ, ମଧ୍ୟମାଙ୍ଗୁଷ୍ଠରେ ଅନ୍ୟୁନ ୯୬ ଯବମାପର ପ୍ରାୟ ଅଢ଼େଇ ମିଟର ଚୌରସ ହୋଇଥିବ, ଅନ୍ୟ ବୃକ୍ଷର ଡାଳ ସ୍ପର୍ଶ କରିନଥିବ, ବଜ୍ରାଘାତ, ଅସ୍ତ୍ରାଘାତ ବା ପକ୍ଷୀବସା ନଥିବ ଏବଂ ଶଙ୍ଖ, ଚକ୍ରାଦି ଦିବ୍ୟ ସଙ୍କେତ ଦୃଶ୍ୟମାନ ହେଉଥିବ। ବନଯାଗ ଓ ପୂଜା ପ୍ରକରଣାଦି ପରେ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ ଲୌହ କୁରାଢ଼ି ଦ୍ୱାରା ଛେଦନ କରି ବର, ତିନ୍ତୁଳି ବା କେନ୍ଦୁ କାଷ୍ଠରେ ନିର୍ମିତ ସ୍ୱତନ୍ତ୍ର ଶଗଡ଼ରେ ତାହା ମନୁଷ୍ୟଙ୍କ ଦ୍ୱାରା ଟଣାଯାଇ ଅଣାଯାଇଥାଏ। ପରେ ବିଧିମୁତାବକ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନଙ୍କର ୮୪ ଯବ ଉଚ୍ଚତା ବିଶିଷ୍ଟ ଓ ସୁଭଦ୍ରାଙ୍କର ସାଢ଼େ ୫୨ ଯବ ଉଚ୍ଚ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ଜଗନ୍ନାଥଙ୍କ ରୂପ ଚକ୍ରାକୃତି, ବଳରାମଙ୍କ ଶଙ୍ଖାକୃତି, ସୁଭଦ୍ରାଙ୍କର ପଦ୍ମାକୃତି ଓ ସୁଦର୍ଶନଙ୍କର ଗଦାକୃତି ତଥା ବସ୍ତ୍ର, ନେତ, ଅର୍କ, ଚନ୍ଦନାଦି ଉପକରଣ ଅସ୍ଥି, ଚର୍ମ, ରକ୍ତ, ମାଂସ ଓ ମଜ୍ଜାର ପ୍ରତୀକ ରୂପେ ଗୃହୀତ।

ଆମର ଜୀବ ଓ ଜଡ଼ ଜଗତ ଯେ ଅଦୃଶ୍ୟ ବ୍ରହ୍ମର ପ୍ରକାଶ୍ୟ ଶକ୍ତିରୂପ ଏବଂ ବ୍ରହ୍ମ ଓ ବ୍ରାହ୍ମଣ୍ଡ ମଧ୍ୟରେ ଆତ୍ମା ଓ ଶରୀରର ସଂପର୍କ ନିହିତ, ଏହା ହିଁ ଦାରୁମୟ ପରଂବ୍ରହ୍ମଙ୍କ କିୟାତ୍ମକ ଓ ନିୟାମକ ଶକ୍ତି ତଥା ସୃଷ୍ଟିର ଗତିଶୀଳତାର ପରିଚାୟକ। ଏଥିପାଇଁ, ଶ୍ରୀକ୍ଷେତ୍ର ବ୍ରହ୍ମବାଦୀଙ୍କର ବୈକୁଣ୍ଠ, ସାଧୁ ସନ୍ଥଙ୍କର ଲୀଳାଭୂମି, ସିଦ୍ଧ ସାଧକଙ୍କ ତପୋସ୍ଥଳ, ସମସ୍ତ ସଂପ୍ରଦାୟର ଭକ୍ତଜନଙ୍କର ଶ୍ରେଷ୍ଠ ତୀର୍ଥକ୍ଷେତ୍ର। ସର୍ବୋପରି, ସଂସାରୀମାନଙ୍କର ଏହା ପ୍ରିୟ ଶ୍ରଦ୍ଧାଧାମ, ମୋକ୍ଷ ମାର୍ଗର ମୁଖ୍ୟଦ୍ୱାର। ସ୍କନ୍ଦ ପୁରାଣ ଭାଷାରେ – 'ଦେବଦେବ ଜଗନ୍ନାଥ ସର୍ବତୀର୍ଥ ପ୍ରବର୍ତ୍ତକଃ, ସର୍ବତୀର୍ଥମୟଶ୍ଚାପି ସର୍ବଦେବମୟ ପ୍ରଭୋ। କିଂ ବ୍ରତେ କିଂ ତପୋଦାନେ କିଂ କୃଚ୍ଛେ କ୍ରତୁଭିସ୍ତଥା, କିମଷ୍ଟାଙ୍ଗ ଯୋଗେନ କିଂ ସାଂଖ୍ୟେନ ପରେଣଚ, ତୀର୍ଥରାଜ ଜଳେ ସ୍ନାତ୍ୱା କ୍ଷେତ୍ର ଶ୍ରୀ ପୁରୁଷୋତ୍ତମେ, ନ୍ୟଗ୍ରୋଧମୂଳ ବସତୋ ବସନ୍ତ ଧର୍ମଚକ୍ଷୁଷା, ଦୃଷ୍ଟ୍ୱା ଦାରୁମୟ ବ୍ରହ୍ମଂ ଦେହବନ୍ଧାତ ପ୍ରମୁଚ୍ୟତେ।'

ଏହାର ସାରମର୍ମ ହେଲା – ଶ୍ରୀଜଗନ୍ନାଥ ସର୍ବଦେବମୟ, ସେ ଦେବତାମାନଙ୍କର ଦେତା, ସେ ସର୍ବତୀର୍ଥ ପ୍ରବର୍ତ୍ତକ, ସର୍ବତୀର୍ଥମୟ। ଏଣୁ ରୋଗ, ଶୋକ, ସନ୍ତାପ ଜର୍ଜରିତ ସଂସାର ସାଗରରେ ଉବୁଟୁବୁ ହେଉଥିବା ପ୍ରାଣୀଗଣ ଏହି ଚିରବସନ୍ତ ବିରାଜତି ମର୍ତ୍ତ୍ୟର ଅମରାବତୀ ଧାମରେ ସରିତ, ସାଗର, ସରୋବର ସର୍ବତ୍ର ପରିବ୍ୟାପ୍ତ ପବିତ୍ର ତୀର୍ଥଜଳରେ ସ୍ନାନ ପୂର୍ବକ ସ୍ୱଚକ୍ଷୁରେ ଦାରୁମୟ ବ୍ରହ୍ମଙ୍କୁ ଅବଲୋକନ କରି ଦୈହିକ ବନ୍ଧନରୁ ଅକ୍ଳେଶରେ ମୁକ୍ତିଲାଭ କରିପାରିବେ। ଏଥିପାଇଁ ଜପ, ତପ, ଧ୍ୟାନ, ଧାରଣା, ଦାନ, ଯୋଗାସନ, ବ୍ରତୋପାସନାଦି କୃଚ୍ଛ ସାଧନାର କୌଣସି ପ୍ରୟୋଜନ ନାହିଁ। ଏଥିପାଇଁ ଭକ୍ତକବି ରାମଦାସ 'ଦାର୍ଢ୍ୟତାଭକ୍ତି ରସାମୃତ'ରେ ଭକ୍ତ ରଘୁଦାସ ପ୍ରସଙ୍ଗରେ ଲେଖିଛନ୍ତି – 'ଧୂଳିଆ ପହଣ୍ଡେ ଦର୍ଶନ। କଲା ସେ ପ୍ରଭୁ ଭଗବାନ।। ବୋଇଲା ଆହେ ମହାବାହୁ। ଶରଣ ପଞ୍ଜର ବୋଲାଉ।। ତୋ ରୂପ କରିବି ଦର୍ଶନ। ତୋ ନାମ କରିବି ଗାୟନ।।' ଅନ୍ୟତ୍ର, ଭକ୍ତ ବଳରାମ ଦାସଙ୍କ ସଂପର୍କରେ କବିଙ୍କ ଭାଷାରେ ପ୍ରଭୁ ଜଗନ୍ନାଥଙ୍କ ଉକ୍ତି ହେଉଛି – 'ମୋର ଭକତ ଯେଉଁ ଜନ, ମୋହର ନାମ କରେ ଗାନ। ସେ କେବେ ଅଶୁଚି ନୁହଇ, ସର୍ବଦା ଶୁଚିମନ୍ତ ଦେହୀ।' ଏଠାରେ କହିବା ବାହୁଲ୍ୟ ଯେ ଭକ୍ତବତ୍ସଳ ଭଗବାନ ସରିତ-ସାଗର, ଗିରି-କନ୍ଦର, ତରୁଲତା, ପ୍ରାସାଦ-ଉଦ୍ୟାନ ବା ମଠ-ମନ୍ଦିରର ରତ୍ନବେଦୀ ଅପେକ୍ଷା ଭକ୍ତର ହୃଦୟ-ସିଂହାସନରେ ବିରାଜମାନ କରିବା ଲାଗି ସର୍ବଦା ଅଧିକ ଆଗ୍ରହୀ ହୋଇଥାନ୍ତି।

ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୬୭୮୪୪୯୧୧୯

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି। ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିତ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ। ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ। ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି।



ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି। ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି। ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ। ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମୟିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ। ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି। ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ। ଅଧ୍ୟାପକ, ଅଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ। ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ। ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ। ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ ସମୟାନୁବର୍ତ୍ତୀ ରହିବେ। ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧ୍ୟକ୍ଷଙ୍କୁ ଅବଗତ କରାଇବେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ, ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରାଥମିକତା ଦେବେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ। ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଞ୍ଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ। ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି। ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ବଜ୍ର ପରି କବାଟ ଲାଗିଥିଲା ତେଣୁ ବଜ୍ରକବାଟୀ

**ବିକ୍ରମ ମହାପାତ୍ର**

ଜାର ବର୍ଷର ସହର, ଇଏ ହେଉଛି କଟକ। ଜଣେ ଯଦି କଟକର ରାସ୍ତା ଦିଗ ଦେଖିବ ପ୍ରାୟତଃ ଏହା ପୂର୍ବରୁ ପଶ୍ଚିମ ମୁହାଁ ହୋଇଛି। ଆଜିର ଯେଉଁ 'ବଜ୍ରକବାଟୀ' ସମ୍ପର୍କରେ ଆଲୋଚନା ହେଉଛି ତାହା ବାସ୍ତବରେ ଏକ ନଦୀ ବନ୍ଧ ବ୍ୟବସ୍ଥା। ସହର ଭିତରକୁ ବନ୍ୟା ଜଳ ଯେପରି ପ୍ରବେଶ ନକରିବ ସେଇଥିପାଇଁ ଏ ବଜ୍ରକବାଟୀରେ ହିଁ ପଥରୋଧର ବ୍ୟବସ୍ଥା ହୋଇଥିଲା। ୧୯୫୭ ଖ୍ରୀଷ୍ଟାବ୍ଦରେ 'ସିଭିକ ସର୍ଭେ ଅଫ କଟକ' ପୃଷ୍ଠା-୨୨ରେ ତଥ୍ୟ ଉଲ୍ଲେଖିତ ରହିଛି। କେହି କେହି ଆଲୋଚନା ରଖନ୍ତି ଯେ 'ବଜ୍ର ନାମକ ଜନୈକ ବ୍ୟକ୍ତି ଏହି ବନ୍ଧ ଓ କବାଟ ଖୋଲିବା ଦାୟିତ୍ୱରେ ଥିବା ହେତୁ ଏହାର ନାମ ବଜ୍ରକବାଟୀ'।

ସହରର ପ୍ରମୁଖ ଛକ ବଜ୍ରକବାଟୀ। ଦୋଳମୁଣ୍ଡାଇ ଠାରୁ ରାଣୀହାଟ ପର୍ଯ୍ୟନ୍ତ ଅଞ୍ଚଳକୁ ବଜ୍ରକବାଟୀ ରୋଡ଼ କୁହାଯାଉଛି। ଏହି ଅଞ୍ଚଳରେ ସହରରେ କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ରହିଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ସବୁବେଳେ ଏହି ଅଞ୍ଚଳ ଜନାକୀର୍ଣ୍ଣ ରହୁଛି। ଏହା ବ୍ୟତୀତ ଏହାକୁ ଲାଗି ରହିଛି ଏକ ଦୀର୍ଘ କେନାଲ ରୋଡ଼। ରୋଡ଼ର ଗୋଟେ ପାଖରେ ମାଳି ସାହି ଓ ଅନ୍ୟ ପାର୍ଶ୍ୱରେ ରହିଛି ସାଆନ୍ତ ସାହି। ବଜ୍ରକବାଟୀ ପୋଲ ଏହାର ସୀମାରେଖା ହୋଇ ରହିଛି। ବଜ୍ରକବାଟୀ ନାଁ ଆଜି ନୁହେଁ ବହୁ ପୁରାକାଳରୁ ରହିଛି। ତେବେ ଏହାର ଏପରି ନାମକରଣ ପଛରେ ରହିଛି କିଛି ଲୋକ କଥା ଓ କିମ୍ବଦନ୍ତୀ। କୁହାଯାଏ ସେତେବେଳେ କଟକ ସହର ଏତେ ବିସ୍ତୃତ ନଥିଲା। ଏବେ କାର ବାଦାମବାଡ଼ି, ହରିପୁର ରୋଡ଼ ଜନାକୀର୍ଣ୍ଣ ନଥିଲା। କାଁ ଭାଁ ଟା ଜଳଖିଆ ଦୋକାନ ଗୋଟେ ଦୁଇଟା ଥିଲା। ଟିଂବନ୍ଧ ନଥିବାରୁ କାଠଯୋଡ଼ି ପାଣି ସହର ଭିତରକୁ ପଶୁଥିଲା। ଫଳରେ ପ୍ରତିବର୍ଷ ସହରର ବନ୍ୟା ହେଉଥିଲା। ଏହାକୁ ରୋକିବା ଦିଗରେ କିଛି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା। ଏଠାରେ ରହିଥିବା ଏକ ନାଳ ବାଟ ଦେଇ ପାଣି ସହର ଭିତରକୁ ପଶୁଥିଲା। ତେଣୁ ବନ୍ୟାକୁ ରୋକିବା ପାଇଁ ଏବେ କାର ବଜ୍ରକବାଟୀ ପୋଲ ନିକଟରେ ଲୁହାରେ ତିଆରି ଏକ ଶକ୍ତ କବାଟ ଲାଗିଥିଲା। ସେତେବେଳେ ଏହା ବନ୍ୟାଜଳକୁ ପ୍ରତିରୋଧ କରୁଥିଲା। ସେହି କବାଟ ଦୀର୍ଘଦିନ ଧରି ଲାଗିଥିଲା। ତେବେ ଏହାକୁ କେବେ ଅପସାରଣ କରାଗଲା ତାହା ଜଣାପଡ଼େ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ସଂଜୟ ପ୍ରସାଦ ସାମନ୍ତରାୟ କହନ୍ତି।

ତେବେ ଏହି ଅଞ୍ଚଳର କିଛି ପୁରୁଖା ଲୋକ କବାଟ ଦେଇଥିବା କଥା ସେ କହନ୍ତି। ବଜ୍ରଭଳି ଥିବା ଏକ ଶକ୍ତ କବାଟକୁ ଲୋକେ ବଜ୍ରକବାଟ ବୋଲି କହିବାକୁ ଲାଗିଲେ। ପରବର୍ତ୍ତୀ କାଳରେ ବଜ୍ରକବାଟୀ ବୋଲି କୁହାଗଲା। କିଛି ଲୋକ ଏହାକୁ କାଣ୍ଡନାଳ ବୋଲି କହୁଥିଲେ। ସେତେବେଳେ ଏଠାରେ ଏତେ ଜନବସତି ନଥିଲା। କେବଳ ସାଆନ୍ତ ସାହି ଓ ମାଳି ସାହି ଲୋକେ ଏହି ଅଞ୍ଚଳରେ ରହୁଥିଲେ। ଏହା ଏକ ଖାଲୁଆ ଜାଗା ଓ ନାଳ ଥିବାରୁ ଏ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଲୋକେ ସଂଜ ହେଲେ ଏହି ବାଟ ଦେଇ ଯାତାୟାତ କରିବାକୁ ଭୟ କରୁଥିଲେ। ମାତ୍ର ଏହି ସ୍ଥାନକୁ ଏବେ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି ବିବେଚନା କରାଯାଉଛି। ଏଠାରେ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ, ବିଏସଏନଏଲ କଷ୍ଟମର ସର୍ଭିସ ସେଣ୍ଟର, ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟାବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ନର୍ସିଂହୋମ ରହିଥିବାରୁ ଅଞ୍ଚଳର ଗୁରୁତ୍ୱ ବୃଦ୍ଧି ପାଇଛି। ଏଠାରେ ଥିବା ମୁଖ୍ୟ ନାଳ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବଜ୍ରକବାଟୀ ନାଁରେ କରାଯାଇଥିବା ବଜ୍ରକବାଟୀ ରୋଡ଼ ଦିନକୁ ଦିନ ସଂକୀର୍ଣ୍ଣ ହେବାରେ ଲାଗିଛି। ସାଧାରଣତଃ ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଅଧିକ ଦେଖାଦେଇଥାଏ। କିଛି ବଡ଼ ବଡ଼ ପ୍ରତିଷ୍ଠାନ ଗ୍ରାହକ ମାନଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ଜୋନ ରଖୁନଥିବାରୁ ଲୋକେ ରାସ୍ତାକଡ଼ରେ ଗାଡ଼ି ରଖନ୍ତି ଟ୍ରାଫିକ ବିପର୍ଯ୍ୟୟ ହୋଇଯାଏ। ଆଜିର ସମୟକୁ ଦେଖିଲେ ବଜ୍ରକବାଟୀର ଢ଼େର ଗୁରୁତ୍ୱ ବଢ଼ିଛି। ଏହା ଏକ ଚାରିଛକ ଭାବେ ବୁଝାଉଛି। ବାଦାମବାଡ଼ିରୁ ଗୋଟିଏ ପଟ, ଛତ୍ରବଜାରରୁ ଗୋଟିଏ ପଟ, ହରିପୁର ରୋଡ଼ରୁ ଗୋଟିଏ ପଟ ଏବଂ ରାଣୀ ହାଟକୁ ଛୁଇଁଥିବା ଗୋଟିଏ ପଟ ଏହିପରି ଭାବରେ ବଜ୍ରକବାଟୀ ଆଜି ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମାନ୍ୟତା ପାଇଛି। ଦିନକୁ ଦିନ ବଜ୍ରକବାଟୀର କାୟା ବିସ୍ତାର ହେଉଛି ଏବଂ ବଜ୍ରକବାଟୀ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଜଡ଼ିତ ରହୁଛି।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫









## ସଡ଼କ ଦୁର୍ଘଟଣାରେ ୮ ଜଣ ଇଞ୍ଜିନିୟରିଂ ଛାତ୍ର ମୃତ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** କେରଳର ତ୍ରିଶୂର ଜିଲ୍ଲାସ୍ଥିତ ୬୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ତାମିଲନାଡୁର ୮ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧.୪୦ ସମୟରେ କାଇପମଙ୍ଗଲମର ପାନମ୍ପିକୁନ୍ନୁ ନିକଟରେ ଏହି ଦୁର୍ଘଟଣା ଘଟିଛି। ଗୁରୁବାୟୁରରୁ କୋଡୁଙ୍ଗାଲୁର ଆଡ଼କୁ ଯାଉଥିବା ଏକ କାର୍ ରାସ୍ତା କଡ଼ରେ ଅବୈଧ ଭାବେ ପାର୍କିଂ ହୋଇଥିବା ଏକ ମହାରାଷ୍ଟ୍ର ନମ୍ବର ବିଶିଷ୍ଟ ଟ୍ରକ୍ ପଛପଟେ ଜୋରଦାର ଧକ୍କା ଦେବା ଫଳରେ ଏହି ଅଭାବନୀୟ ଘଟଣା ଘଟିଛି।ପୋଲିସ ସୂଚନା ଅନୁଯାୟୀ, ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ବାରିକେଡ୍ ଲଗାଯାଇ ଟ୍ରାଫିକ୍ ଡାଇଭର୍ସନ୍ କରାଯାଇଥିବା ସ୍ଥାନରେ ଟ୍ରକଟି ଅବୈଧ ଭାବେ ଛିଡ଼ା ହୋଇଥିଲା। କାରଟି ଦ୍ରୁତ ଗତିରେ ଆସୁଥିବାରୁ ଚାଳକ ଜଣକ ଡାଇଭର୍ସନ୍ ବାରିକେଡକୁ ଦେଖିପାରି ନଥିଲେ ଏବଂ ଅପ୍ରତ୍ୟାଶିତ ଭାବେ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୬ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଉଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରମାନେ ତାମିଲନାଡୁର ଦିଣ୍ଡିଗୁଲସ୍ଥିତ ଏକ ଇଞ୍ଜିନିୟରିଂ କଲେଜର ଅଧ୍ୟୟନରତ ଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ପରିଚୟ ମିଳିଛି, ଯେଉଁଥିରେ ଦିଣ୍ଡିଗୁଲର ସୂର୍ଯ୍ୟ, ଯୁବସଞ୍ଜିଥ୍, ବିଶ୍ୱା, ଯୋଶୁଆ ଏବଂ ମାଦୁରାଇର ସନ୍ତୋଷ ଓ ପ୍ରସନ୍ନା ରହିଛନ୍ତି। ଅନ୍ୟ ଦୁଇଜଣଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକ, ଅଗ୍ନିଶମ ବାହିନୀ ଓ ପୋଲିସ ମିଳିତ ଭାବେ କାର୍ ଭିତରୁ ଚାପି ହୋଇରହିଥିବା ମୃତଦେହଗୁଡ଼ିକୁ ଉଦ୍ଧାର କରି ତ୍ରିଶୂର ମେଡିକାଲ କଲେଜ ଶବଗୃହକୁ ପଠାଇଛନ୍ତି।

## ରୁଷରୁ ଆଉ ୫ଟି ଏସ୍-୪୦୦ କିଣିବ ଭାରତ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ରୁଷଠାରୁ ଆଉ ୫ଟି ଏସ୍-୪୦୦ ଟ୍ରାୟମ୍ଫ ବାୟୁ ସୁରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଭାରତର ଯୋଜନା ଅଧିକ କ୍ରିୟାଶୀଳ ହୋଇଛି। ଏଥିପାଇଁ ମୂଲ୍ୟ ନିର୍ଦ୍ଧାରଣ ଓ ଆଲୋଚନା ପ୍ରକ୍ରିୟା ଆରମ୍ଭ କରିବାକୁ ରୁଷିଆ ସରକାର ଭାରତ ନିକଟକୁ ବିଲ୍ ଅଫ୍ କ୍ୱାଣ୍ଟିଟି (ବିଓକ୍ୟୁ) ପ୍ରସ୍ତାବ ପଠାଇଛନ୍ତି, ଯେଉଁଥିରେ ନିର୍ମାଣ ଓ ସାମଗ୍ରୀର ଆନୁମାନିକ ଖର୍ଚ୍ଚ ଦର୍ଶାଯାଇଛି। ୨୦୧୮ ମସିହାରେ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ୫.୪୩ ବିଲିୟନ୍ ଡଲାର ମୂଲ୍ୟରେ ଚୁକ୍ତି ହୋଇଥିବା ପ୍ରଥମ ପାଞ୍ଚଟି ଏସ୍-୪୦୦ ମଧ୍ୟରୁ ଶେଷ ସିଷ୍ଟମଟି ଚଳିତ ବର୍ଷ ନଭେମ୍ବର ମାସରେ ଭାରତରେ ପହଞ୍ଚିବ। ଏହି ପଞ୍ଚମ ସିଷ୍ଟମଟିକୁ ଚୀନ୍ ସୀମାକୁ ସାମ୍ନା କରୁଥିବା ଭାରତର ପୂର୍ବ ସେକ୍ଟରରେ ମୁତୟନ କରାଯିବ। ଅର୍ଥ ମନ୍ତ୍ରଣାଳୟର ସବୁଜ ସଙ୍କେତ ଏବଂ ରୁଷ ସହ ମୂଲ୍ୟ ଚୂଡ଼ାନ୍ତ ହେବା ପରେ କ୍ୟାବିନେଟ୍ କମିଟି ଅନ୍ ସିକ୍ୟୁରିଟି ଅଧିକ ୫ଟି ଏସ୍-୪୦୦ ସ୍କ୍ୱାଡ୍ରନ୍ କ୍ରୟ ଉପରେ ଚୂଡ଼ାନ୍ତ ମୋହର ମାରିବ।ଗତ ମେ ୨୦୨୫ରେ ଅନୁଷ୍ଠିତ 'ଅପରେସନ୍ ସିନ୍ଦୂର' ସମୟରେ ଏସ୍-୪୦୦ ସିଷ୍ଟମ୍ ନିଜର ଆଡ଼ଭାନ୍ସଡ଼ କ୍ଷମତା ପ୍ରଦର୍ଶନ କରିଥିଲା।ଏହାର ଏକ ଦୂରଗାମୀ କ୍ଷେପଣାସ୍ତ୍ର ପାକିସ୍ତାନର ୩୧୪ କିଲୋମିଟର ଭିତରକୁ ଯାଇ ଶତ୍ରୁପକ୍ଷର ଏୟାରବୋର୍ଣ୍ଣ ଆଲର୍ଟ ସିଷ୍ଟମକୁ ସଫଳତାର ସହ ନିଷ୍କ୍ରିୟ କରିଥିଲା। ଆଦମପୁର ଓ ଭୁଜ୍ ବାୟୁସେନା ଘାଟିରେ ମୁତୟନ ଏସ୍-୪୦୦ ସିଷ୍ଟମକୁ ଟାର୍ଗେଟ୍ କରିବା ପାଇଁ ପାକିସ୍ତାନ କାମିକାଜି ଡ୍ରୋନ୍ ବ୍ୟବହାର କରିଥିଲେ ବି ଭାରତୀୟ ସୀମା ନିକଟକୁ ଆସିବାକୁ ସାହସ



କରିନଥିଲେ। ମେ ୧୦ ତାରିଖରେ ଭାରତୀୟ ବ୍ରହ୍ମୋସ କ୍ଷେପଣାସ୍ତ୍ର ପାକିସ୍ତାନର ୧୧ଟି ବାୟୁସେନା ଘାଟିକୁ ଆକ୍ରମଣ କରିବା ଏବଂ ଏସ୍-୪୦୦ ଓ ଆକାଶ ତୀର ସିଷ୍ଟମ୍ ଦ୍ୱାରା ୭ଟି ଯୁଦ୍ଧବିମାନ ନଷ୍ଟ ହେବା ପରେ ପାକିସ୍ତାନ ନିଜର ବାୟୁସେନା ସମ୍ପତ୍ତିକୁ ଆଫଗାନିସ୍ତାନ ସୀମା ନିକଟକୁ ହଟାଇ ନେଇଥିଲା।ସେହିପରି ରୁଷଠାରୁ ପଞ୍ଚମ ପିଢ଼ିର ସୁ-୫୭ ଯୁଦ୍ଧବିମାନ କ୍ରୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲେ ବି ଭାରତୀୟ ବାୟୁସେନା ଏଥିରେ ରୁଚି ଦେଖାଇଛି ମାତ୍ର କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଚୀନ୍ ନିଜର ଜେ-୨୦ ଷ୍ଟିଲ୍ଥ ଯୁଦ୍ଧବିମାନଗୁଡ଼ିକୁ ତିବ୍ବତର ହୋତାନ୍, ଲାସା ଏବଂ ନିଙ୍ଗଚି ବାୟୁସେନା ଘାଟିରେ ମୁତୟନ କରିଥିବାରୁ ଭାରତ ଏହାକୁ ନଜରରେ ରଖିଛି। ଆସନ୍ତା ସେପ୍ଟେମ୍ବର ୧୧-୧୩ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନୂଆଦିଲ୍ଲୀ ଗସ୍ତ କରୁଥିବାରୁ ହାଇପରସୋନିକ୍ କ୍ଷେପଣାସ୍ତ୍ର କ୍ଷେତ୍ରରେ ଦ୍ୱିପାକ୍ଷିକ ସାମରିକ ସହଯୋଗ ଆହୁରି ମଜବୁତ ହେବାର ସମ୍ଭାବନା ରହିଛି।

## ଖାର୍ଗ ଦ୍ୱୀପ ନିକଟରେ ବିସ୍ଫୋରଣ, ଇରାନୀ ତୈଳ ଜାହାଜକୁ ଆମେରିକାର ମିସାଇଲ ମାଡ଼ !

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ କେନ୍ଦ୍ର ଖାର୍ଗ ଦ୍ୱୀପ ନିକଟରେ ଶନିବାର ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି। ଆମେରିକା ଏକ ଇରାନୀ ତୈଳ ଜାହାଜକୁ ଆକ୍ରମଣ କରିବା ପରେ ଏହି ବିସ୍ଫୋରଣ ଘଟିଥିବା ଖବର ଆସିଛି। ରଏଟର୍ସ ଇରାନର ରାଜ୍ୟ ସମର୍ଥିତ ନ୍ୟୁଜ୍ ଏଜେନ୍ସି ନୁର୍ ନ୍ୟୁଜ୍‌କୁ ଉଦ୍ଧୃତ କରି ଏହି ସୂଚନା ଦେଇଛି। ତେବେ ଏହି ଘଟଣାରେ କାହାର ମୃତ୍ୟୁ କିମ୍ବା ଆହତ ହେବାର ଖବର ମିଳିନାହିଁ।ଇରାନର ଅନ୍ୟ ଏକ ନ୍ୟୁଜ୍ ସାଇଟ୍ ଅସର ଇରାନର ରିପୋର୍ଟ ଅନୁସାରେ, ତୈଳ ଜାହାଜଟିରୁ ତୈଳ ଖଲାସ କରାଯାଉଥିବା ସମୟରେ ଏହା ଉପରେ ୪ଟି ପ୍ରକ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି, ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲେ ମଧ୍ୟ ଖାର୍ଗ ଦ୍ୱୀପ ନିକଟରୁ ଧୂଆଁ ଉଠୁଥିବା ଦେଖାଯାଇ ନଥିଲା। ଇରାନ ସରକାର ଏପର୍ଯ୍ୟନ୍ତ ଗଣମାଧ୍ୟମର ଏହି ରିପୋର୍ଟକୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିନାହାନ୍ତି।ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘ ସଂଘର୍ଷ ମଧ୍ୟରେ ଏହି ଘଟଣା ଉତ୍ତେଜନାକୁ ଆହୁରି ବଢ଼ାଇଛି। ଅଗଷ୍ଟ ୩୦ରେ ଆମେରିକା ହର୍ମୁଜ୍ ପ୍ରଣାଳୀ ନିକଟ ଲାରାକ୍ ଦ୍ୱୀପରେ ଇରାନୀ ଘାଟିଗୁଡ଼ିକୁ ଆକ୍ରମଣ କରିଥିଲା। ଏହାର ଜବାବରେ ଇରାନ ଜୋର୍ଡାନରେ ଥିବା ଆମେରିକୀୟ ସେନା ଘାଟିକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ସେପ୍ଟେମ୍ବର ୧ରେ ଆମେରିକା ଇରାନର ଦକ୍ଷିଣ ଉପକୂଳରେ ପୁଣି ଆକ୍ରମଣ କରିଥିଲା। ଆମେରିକୀୟ ସେନା ଅନୁସାରେ, ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ରାଡାର, ସାମୁଦ୍ରିକ ସାମରିକ ଉପକରଣ, ସମୁଦ୍ରରେ ମାଇନ୍ ବିଛାଇବାର କ୍ଷମତା ଓ ଯୋଗାଯୋଗ ବ୍ୟବସ୍ଥାକୁ ଏହି ଆକ୍ରମଣରେ ଲକ୍ଷ୍ୟ କରାଯାଇଥିଲା। ହର୍ମୁଜ୍ ପ୍ରଣାଳୀ ବିଶ୍ୱର ଏକ ପ୍ରମୁଖ ତୈଳ ପରିବହନ ପଥ। ଏହି ଅଞ୍ଚଳରେ ଲଢେଇ ଓ ଜାହାଜ ଉପରେ ଆକ୍ରମଣ ଯୋଗୁଁ ସାମୁଦ୍ରିକ ପରିବହନ ପ୍ରଭାବିତ ହେଉଛି। ଏହା ଫଳରେ ବିଶ୍ୱ ବଜାରକୁ ତୈଳ ଯୋଗାଣ ଆହୁରି ବାଧାପ୍ରାପ୍ତ ହେବା ନେଇ ଚିନ୍ତା ବଢ଼ିଛି।

## ପହଲଗାମ୍ ଆକ୍ରମଣକାରୀ ଲସ୍କର କମାଣ୍ଡର ୟାସିର ନିହତ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ୨୦୨୫ ପହଲଗାମ୍ ନୃଶଂସ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ପ୍ରମୁଖ ସହଯୋଗୀ ତଥା ପାକିସ୍ତାନୀ ଲସ୍କର-ଏ-ତୋଇବା (ଏଲଇଟି) କମାଣ୍ଡର ୟାସିର ସୁରକ୍ଷା ବାହିନୀ ଗୁଳିରେ ନିହତ ହୋଇଛି। ଶନିବାର ଜାମ୍ମୁ-କାଶ୍ମୀରର ବଡ଼ଗାମ୍ ଜିଲ୍ଲାସ୍ଥିତ ୟୁସମାର୍ଗର ଉଚ୍ଚ ପାହାଡ଼ିଆ ଜଙ୍ଗଲି ଅଞ୍ଚଳରେ ଚାଲିଥିବା ମିଳିତ ସେନା ଅପରେସନରେ ସୁରକ୍ଷା ବଳକୁ ଏହି ବଡ଼ ସଫଳତା ମିଳିଛି। ସ୍ପେଶାଲ ଫୋର୍ସ ଏବଂ ୫୩ ରାଷ୍ଟ୍ରୀୟ ରାଇଫଲ୍ସର ମିଳିତ ବାହିନୀ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନାକୁ ଆଧାର କରି ଏହି ଆକ୍ରମଣ କରିଥିଲେ।ସୁରକ୍ଷା ଏଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିହତ ୟାସିର ପହଲଗାମ୍ ଆକ୍ରମଣର ମୁଖ୍ୟ ମାଷ୍ଟରମାଇଣ୍ଡ ସୁଲେମାନ୍ ମୁସା (ହାସିମ୍ ମୁସା) ଗ୍ରୁପର ଅତ୍ୟନ୍ତ ସକ୍ରିୟ କ୍ୟାଡର ଥିଲା। ପହଲଗାମ୍ ଆକ୍ରମଣ ପରେ ସେ ମୁସା ଗ୍ରୁପରୁ ଅଲଗା ହୋଇ ଗୋଟିଏ ବର୍ଷ ହେବ ୟୁସମାର୍ଗ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ନେଟୱର୍କ ଗଢ଼ି ଲସ୍କରର ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟ କରୁଥିଲା। ସୂଚନାଯୋଗ୍ୟ ଯେ, ପହଲଗାମ୍ ଆକ୍ରମଣର କିଛି ମାସ ପରେ ଭାରତୀୟ ସେନା 'ଅପରେସନ୍ ମହାଦେବ' ଜରିଆରେ ଶ୍ରୀନଗରର ଦାଚିଗାମ୍ ଜଙ୍ଗଲରେ ସୁଲେମାନ୍ ମୁସାକୁ ନିପାତ କରିଥିଲେ। ମୁସା ସହ ଗଭୀର ସମ୍ପର୍କ ଥିବାରୁ ୟାସିରର ଗତିବିଧି ଉପରେ ଏଜେନ୍ସିଗୁଡ଼ିକ କ୍ରମାଗତ ନଜର ରଖିଥିଲେ। ୟାସିରର ମୃତ୍ୟୁ ପରେ ବର୍ତ୍ତମାନ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜୋରଦାର କରିଛନ୍ତି। ନିକଟରେ ହୋଇଥିବା ଅନ୍ୟ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ, ଯୋଜନା କିମ୍ବା ଆଶ୍ରୟ ସ୍ଥଳ ଯୋଗାଣରେ ୟାସିରର ଭାଗିଦାରୀ ଥିଲା କି ନାହିଁ, ସେ ନେଇ ତଦନ୍ତ ସହ ତାଙ୍କର ସହଯୋଗୀ ନେଟୱର୍କକୁ ଖୋଜିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇଛନ୍ତି।

## ଡିଏମକେ ନେତା କେଏନ ନେହେରୁଙ୍କ ଘରେ ଚଢାଉ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଭିଜିଲାନ୍ସ ଏବଂ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଅଧିକାରୀମାନେ ଏକ ନିଯୁକ୍ତି ମାମଲାରେ ତାମିଲନାଡୁର ପୂର୍ବତନ ମନ୍ତ୍ରୀ କେଏନ ନେହେରୁଙ୍କ ଘରେ ଏବଂ ସମ୍ପତ୍ତି ଥିବା ବିଭିନ୍ନ ସ୍ଥାନଗୁଡ଼ିକରେ ତଲାସୀ କରିଛନ୍ତି। ନେହେରୁଙ୍କ ବାସଭବନ ତିରୁଚିରାପାଲି ଏବଂ ତାଙ୍କ ଭାଇଙ୍କ ଘରେ ତଲାସୀ ଚାଲିଛି। ଚେନ୍ନାଇ ସମେତ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚଢାଉ କରାଯାଇଛି।ନେହେରୁ ପୌର ପ୍ରଶାସନ ଏବଂ ଜଳ ଯୋଗାଣ ମନ୍ତ୍ରୀ ଥିବା ସମୟରେ ୨,୫୩୮ ଜଣଙ୍କ ନିଯୁକ୍ତିରେ ହୋଇଥିବା ଅନିୟମିତତା ଅଭିଯୋଗ ଆଧାରରେ ଏହି ତଲାସୀ ପ୍ରକ୍ରିୟା କରାଯାଇଛି। ଏହାକୁ ଦଳର ସଭାପତି ଏମକେ ଷ୍ଟାଲିନ କଡା ସମାଲୋଚନା କରି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଷ୍ଟାଲିନ୍ କହିଛନ୍ତି ଯେ ଏହି ପଦକ୍ଷେପ ବିରୋଧୀଙ୍କୁ



ଭୟଭୀତ କରିବାର ଏକ ପ୍ରୟାସ। ବର୍ତ୍ତମାନର ପ୍ରଶାସନ ଲୋକଙ୍କ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛି। ତାମିଲନାଡୁର ଲୋକମାନେ ସରକାରଙ୍କ କାର୍ଯ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ । ଶାସକ କ୍ଷମତାକୁ ଆସିବା ପାଇଁ ଘୋଡା ବେପାରରେ ଲିପ୍ତ ହୋଇଛି। ତାମିଲନାଡୁର ଲୋକମାନେ ଭଲ ଭାବରେ ଜାଣନ୍ତି ଯେ, ସରକାର ଗଠନ କରିବା ପାଇଁ, ସେମାନେ ଅନ୍ୟ ଦଳର ବିଧାୟକମାନଙ୍କୁ ଇସ୍ତଫା ଦେବାକୁ ପ୍ରବର୍ତ୍ତାଇଥିଲେ ଏବଂ ବିଧାନସଭା ପରିସରରେ ହିଁ ସେମାନଙ୍କୁ ନିଜ ଦଳରେ ସାମିଲ କରିଥିଲେ। ଏହି କାର୍ଯ୍ୟଗୁଡ଼ିକ ଭାରତୀୟ ଗଣତନ୍ତ୍ରର ଉଲ୍ଲଂଘନ। ଆମେ ଆଇନ ଅନୁଯାୟୀ ସବୁକିଛିର ମୁକାବିଲା କରିବୁ ଏବଂ ବିଜୟୀ ହେବୁ।

## ଇନଫ୍ଲୁଏନ୍ସର ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଦିଲ୍ଲୀର ଜନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ଏକ ପ୍ରତିବାଦ ସଭା ସମୟରେ ଜଣେ ୧୪ ବର୍ଷୀୟା ଦଳିତ ନାବାଳିକା ଆନ୍ଦୋଳନକାରୀଙ୍କ ବାପାଙ୍କୁ ନିର୍ମମ ଭାବେ ଆକ୍ରମଣ କରି ମୁଣ୍ଡ ଫାଟାଇ ଦେଇଥିବା ନେଇ ବାହାସ୍ଫୋଟ ମାରୁଥିବା ହିନ୍ଦୁତ୍ୱ ଇନଫ୍ଲୁଏନ୍ସର ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଉତ୍ତରପ୍ରଦେଶର ବୁଲନ୍ଦସହର ଅଞ୍ଚଳରୁ ତାଙ୍କୁ ଗିରଫ କରାଯିବା ପରେ ପାଟିଆଲା ହାଉସ୍ କୋର୍ଟ ତାଙ୍କୁ ଗୋଟିଏ ଦିନର ପୋଲିସ ହେପାଜତକୁ ପଠାଇଛନ୍ତି। ଗତ ଜୁନ୍ ୨୩ ତାରିଖରେ ନୀଟ୍ ପ୍ରଶ୍ନପତ୍ର ପ୍ରକାଶ ଦୁର୍ନୀତି ବିରୋଧରେ ହେଉଥିବା ଆନ୍ଦୋଳନ ବେଳେ ମୋବାଇଲରେ ଭିଡିଓ ସୁଟିଂକୁ ନେଇ ଭରଦ୍ୱାଜ ଓ ପୀଡ଼ିତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା, ଯେଉଁଥିରେ ପୀଡ଼ିତ ଗୁରୁତର ଆହତ ହୋଇଥିଲେ।ନିକଟରେ ଏକ ପୋଡକାଷ୍ଟ ସାକ୍ଷାତକାରରେ ଭରଦ୍ୱାଜ ବାହାସ୍ଫୋଟ ମାରି ଦାବି କରିଥିଲେ ଯେ, ସେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅପରାଧ କରିଥିଲେ ବି ରାଜନୈତିକ ସମ୍ପର୍କ ଏବଂ କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ, କପିଲ ମିଶ୍ରଙ୍କ ଭଳି ନେତାଙ୍କ ଛାତ୍ରଛାୟା ଯୋଗୁଁ ପୁଲିସ ତାଙ୍କୁ ଜେଲ୍ ପଠାଇ ନଥିଲା। ଏହି ବକ୍ତବ୍ୟ ସାମ୍ନାକୁ ଆସିବା ପରେ ସିଜେପି



ନେତା, ସାଂସଦ ଚନ୍ଦ୍ରଶେଖର ଆଜାଦ, ପପୁ ଯାଦବ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କଠୋର ଆପତ୍ତି ଜଣାଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନା ଆଗରେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ପୂର୍ବରୁ ସାଧାରଣ ଧାରା ଲଗାଇଥିବା ବେଳେ ପ୍ରତିବାଦ ପରେ ମାମଲାରେ ଏସ୍ସି/ଏସ୍ଟି ଆକ୍ଟ ଯୋଡ଼ିଛି। ଅନ୍ୟପଟେ ନାବାଳିକା ଝିଅଟିକୁ ସୋସିଆଲ ମିଡିଆରେ ଯୌନ ନିର୍ଯାତନା ଓ ହତ୍ୟା ଧମକ ମିଳୁଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ 'ପୋକ୍ସୋ' ଆକ୍ଟ ଅଧୀନରେ ଅନ୍ୟ ଏକ ପୃଥକ୍ ମାମଲା ରୁଜୁ କରିଛି।ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କ ଲୋକ ଜନଶକ୍ତି ପାର୍ଟି ମଧ୍ୟ ନିଜ ନାମର ଅପବ୍ୟବହାର କରାଯାଇଥିବା ନେଇ ଭରଦ୍ୱାଜଙ୍କ ବିରୋଧରେ ପୁଲିସରେ ବିଧିବଦ୍ଧ ଅଭିଯୋଗ ଦାୟର କରିଛି। ଚିରାଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସାର୍ବଜନୀନ ଜୀବନରେ ବହୁ ଲୋକ ଆସି ନେତାମାନଙ୍କ ସହ ଫଟୋ ଉଠାନ୍ତି, ମାତ୍ର ତାହାକୁ ଆଧାର କରି ନିଜକୁ ବ୍ୟକ୍ତିଗତ ପରିଚିତ ବୋଲି ଦାବି କରିବା ସମ୍ପୂର୍ଣ୍ଣ ଆଇନବିରୋଧୀ। ଅଭିଯୁକ୍ତ ଜଣକ ଅପରାଧ କରି ଆଇନକୁ ଆକ୍ଷେପ କରୁଛନ୍ତି ଏବଂ ରାଜନୈତିକ ଆଶ୍ରୟ ଯୋଗୁଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଭୁଲ୍ ସନ୍ଦେଶ ଦେବାକୁ ଚେଷ୍ଟା କରୁଛନ୍ତି। ଯଦି ଏପରି ଗମ୍ଭୀର ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ ତାହା ଦେଶ ପାଇଁ ଏକ ଖରାପ ଉଦାହରଣ ସୃଷ୍ଟି କରିବ। ଯଦିଓ ଭରଦ୍ୱାଜ ଏହାକୁ ଆତ୍ମରକ୍ଷା ପାଇଁ କରାଯାଇଥିବା ପଦକ୍ଷେପ ବୋଲି ସଫେଇ ଦେଇଛନ୍ତି, ତଥାପି ଦିଲ୍ଲୀ ପୁଲିସ ତାଙ୍କୁ ହେପାଜତକୁ ନେଇ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

## ବିବାହ ଉତ୍ସବରେ କ୍ଷେପଣାସ୍ତ୍ର ମାଡ଼, ୫ ମୃତ

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଦକ୍ଷିଣ ଇରାନର କୁହେସ୍ତାକ ସହରରେ ଏକ ବିବାହ ଉତ୍ସବ ପାଇଁ ପରିବାର ଓ ସମ୍ପର୍କୀୟ ଏକାଠି ହୋଇଥିବା ବେଳେ ଆମେରିକୀୟ ଆକ୍ରମଣରେ ଭୟଙ୍କର ଧ୍ୱଂସ ଘଟିଥିବା ଅଭିଯୋଗ ହୋଇଛି। ଘଟଣାରେ ଅନ୍ତତଃ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶିଶୁଙ୍କ ସମେତ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିବାହରେ ବର-କନ୍ୟା ପହଞ୍ଚିବା ପୂର୍ବରୁ ବିସ୍ଫୋରଣ ଘଟିଥିଲା।ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପ୍ରଥମେ ନିକଟସ୍ଥ ଏକ କମ୍ୟୁନିକେସନ ଟାୱାରକୁ ମିସାଇଲ୍ ଆକ୍ରମଣ କରାଯାଇଥିଲା। ପରେ ବିବାହ ସମାରୋହ ଚାଲିଥିବା ସ୍ଥାନ ନିକଟରେ ଦୁଇଟି ଡ୍ରୋନ ଆକ୍ରମଣ ହୋଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବିସ୍ଫୋରଣ ପରେ ଘଟଣାସ୍ଥଳରେ ଭଙ୍ଗାଘର ଓ ଧ୍ୱଂସାବଶେଷର ଦୃଶ୍ୟ ଦେଖିବାକୁ ମିଳିଛି। ଉଦ୍ଧାରକାରୀମାନେ ଧ୍ୱଂସାବଶେଷ ତଳୁ ଆହତ ଓ ମୃତକଙ୍କୁ ବାହାର କରିଥିଲେ। ଆକ୍ରମଣ ପରବର୍ତ୍ତୀ ଦୃଶ୍ୟଗୁଡ଼ିକ ଖୁବ୍ ହୃଦୟବିଦାରକ ଥିଲା। ବିବାହ ଉତ୍ସବର ଅତିଥିମାନଙ୍କ ଜୋତା ଇଆଡେ ସିଆଡେ ବିଛାଡ଼ି ହୋଇ ପଡ଼ିଥିବାବେଳେ ଗୋଟିଏ ପିଲାର ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଥିଲା। ଆହତମାନେ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନ୍ୟୁଜ ଏଜେନ୍ସି ଏପି ସୂଚନା ଦେଇଛି। ଆକ୍ରମଣ ପାଇଁ ଆମେରିକା ଏପର୍ଯ୍ୟନ୍ତ ସିଧାସଳଖ ଦାୟିତ୍ୱ ସ୍ୱୀକାର କରିନାହିଁ। ତେବେ ରଏଟର୍ସ ପକ୍ଷରୁ ଯାଞ୍ଚ ହୋଇଥିବା ଫଟୋ ଓ ଭିଡିଓର ବିଶ୍ଳେଷଣରେ ଆକ୍ରମଣ ଆମେରିକୀୟ ଅସ୍ତ୍ରର ସିଧାସଳଖ ଆଘାତ ଦ୍ୱାରା ଘରଟି କ୍ଷତିଗ୍ରସ୍ତ ହୋଇଥିବା ସମ୍ଭାବନା ଦର୍ଶାଯାଇଛି। ଘଟଣାର ତଦନ୍ତ କରାଯାଉଥିବା ଆମେରିକୀୟ ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି। ଆମେରିକାର ଦାବି ଅନୁସାରେ, ଦକ୍ଷିଣ ଇରାନର ସାମରିକ ଠିକଣା, ରାଡାର, ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଓ ଯୋଗାଯୋଗ କେନ୍ଦ୍ର ଏହି ଅଭିଯାନର ଲକ୍ଷ୍ୟ ଥିଲା। ତେବେ ବିବାହ ସମାରୋହ ନିକଟରେ ଘଟିଥିବା ଏହି ଆକ୍ରମଣ ଯୁଦ୍ଧରେ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ନୂଆ ପ୍ରଶ୍ନ ଉଠାଇଛି।

## ୧୫ ସେପ୍ଟେମ୍ବରରୁ ବନ୍ଦ ହୋଇପାରେ ଦୋକାନୀଙ୍କ ୟୁପିଆଇ ପେମେଣ୍ଟ

**ନୂଆଦିଲ୍ଲୀ,୬।୯(ଏଜେନ୍ସି)::** ଦୈନନ୍ଦିନ କାରବାର ପାଇଁ ଅନଲାଇନ୍ କିମ୍ବା UPI ପେମେଣ୍ଟ ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ଆସନ୍ତା ୧୫ ସେପ୍ଟେମ୍ବର ପରେ ବଡ଼ ଝଟ୍‌କା ଲାଗିପାରେ। କାରଣ ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀଙ୍କ ରି-କେୱାଇସି ପ୍ରକ୍ରିୟା ଶେଷ ହୋଇପାରିନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅନଲାଇନ୍ ପେମେଣ୍ଟ କମ୍ପାନୀଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଏହି ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି।ରିପୋର୍ଟ ଅନୁସାରେ, ନିର୍ଦ୍ଧାରିତ ସମୟ ମଧ୍ୟରେ Re-KYC ନହେଲେ ଦୋକାନୀଙ୍କ ଆକାଉଣ୍ଟ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯିବ । ଏହାଦ୍ୱାରା ଛଜ କୋଡ୍ ବ୍ୟବହାର କରୁଥିବା ପ୍ରାୟ ୩୦%ରୁ ୩୫% କ୍ଷୁଦ୍ର ଏବଂ ଉଠାଦୋକାନୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ପ୍ରାୟ ୧୦ ଲକ୍ଷ ଛୋଟ ଅନଲାଇନ୍ ବ୍ୟବସାୟର ପେମେଣ୍ଟ ସିଷ୍ଟମ୍ ଠପ୍ ହୋଇଯାଇପାରେ। ପେଟିଏମ୍ ଏବଂ ଫୋନ୍‌ପେ ଭଳି ପେମେଣ୍ଟ ଆଗ୍ରିଗେଟର କମ୍ପାନୀଗୁଡ଼ିକର କହିବା ଅନୁଯାୟୀ, ଗ୍ରାମାଞ୍ଚଳ ଓ ଛୋଟ ସହରରେ ଲକ୍ଷ ଲକ୍ଷ ସାଉଣ୍ଡ ବକ୍ସ ଓ ଛଜ ଷ୍ଟାଣ୍ଡିଂ ରହିଛି। କିନ୍ତୁ ଏମାନଙ୍କ ମଧ୍ୟରୁ ଅନେକ ଗରିବ ଉଠାଦୋକାନୀ ଅଟନ୍ତି, ଯେଉଁମାନଙ୍କ ପାଖରେ ସଠିକ୍ ପରିଚୟ ପତ୍ର କିମ୍ବା ବ୍ୟବସାୟିକ ଦଲିଲ୍ ନାହିଁ। ଏହା ସହିତ RBIର କଠୋର ନିୟମ ଅନୁଯାୟୀ, କମ୍ପାନୀର ନିଜସ୍ୱ କର୍ମଚାରୀ ହିଁ ଦୋକାନକୁ ଯାଇ ଫିଜିକାଲ୍ ଭେରିଫିକେସନ୍ କରିବା ବାଧ୍ୟତାମୂଳକ। କୌଣସି ପ୍ରାଇଭେଟ୍ ଏଜେନ୍ସିକୁ ଏହି କାମ ଦିଆଯାଇପାରିବ ନାହିଁ, ଯାହାଫଳରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି।ରିଜର୍ଭ ବ୍ୟାଙ୍କ ଏହି କଠୋର ନିୟମ ଗତ ବର୍ଷ ଅର୍ଥାତ୍ ସେପ୍ଟେମ୍ବରରେ ହିଁ ଲାଗୁ କରିଥିଲା। କମ୍ପାନୀ ଏବଂ ଦୋକାନୀଙ୍କ ପାଖରେ ପୂରା ୧ ବର୍ଷ ସମୟ ଥିଲା। କିନ୍ତୁ ଶେଷ ସମୟ ପର୍ଯ୍ୟନ୍ତ ନକରିବାରୁ ଏବେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କମ୍ପାନୀଗୁଡ଼ିକର ଆକଳନ ଅନୁଯାୟୀ, ସେପ୍ଟେମ୍ବର ୧୫ ସୁଦ୍ଧା ସେମାନେ ମାତ୍ର ୮୦ ପ୍ରତିଶତ କାମ ହିଁ ଶେଷ କରିପାରିବେ।ଯଦି RBI ସମୟସୀମା ନ ବଢ଼ାଏ, ତେବେ ଆପଣ ପନିପରିବା, ଚା' ଦୋକାନ କିମ୍ବା ରାସନ ସାମଗ୍ରୀ କିଣିବା ସମୟରେ UPI କିମ୍ବା କାର୍ଡ ମାଧ୍ୟମରେ ଟଙ୍କା ପଠାଇବାରେ ସମସ୍ୟା ଭୋଗିପାରନ୍ତି। ଅବଶ୍ୟ ଏହାଦ୍ୱାରା ଦେଶର ସାମଗ୍ରିକ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଉପରେ କୌଣସି ବଡ଼ ଫରକ ପଡ଼ିବ ନାହିଁ, କାରଣ କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ କାରବାରର ଅଂଶ ବହୁତ କମ୍। କିନ୍ତୁ ସାଧାରଣ ଲୋକଙ୍କଦୈନନ୍ଦିନ କିଣାବିକା ଏବଂ ଗରିବ ବ୍ୟବସାୟୀଙ୍କ ରୋଜଗାର ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ପେମେଣ୍ଟ ଇଣ୍ଡଷ୍ଟ୍ରି ପକ୍ଷରୁ ଆଶା ରଖାଯାଇଛି ଯେ, ବାସ୍ତବିକ ସମସ୍ୟାକୁ ବୁଝି RBI ଖୁବଶୀଘ୍ର ଡେଡ୍‌ଲାଇନ୍ ବଢ଼ାଇବା ନେଇ ଘୋଷଣା କରିପାରେ।




## ଚୀନ ସୀମାରେ ଭାରତର 'ମାଷ୍ଟରପ୍ଲାନ' !

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଚୀନ୍ ସୀମା ନିକଟରେ ନିଜର ଲଜିଷ୍ଟିକ୍ସ ଓ ଯୋଗାଣ ବ୍ୟବସ୍ଥାକୁ ଆହୁରି ମଜଭୁତ କରୁଛି ଭାରତୀୟ ସେନା। ଲଦାଖରେ ଏଲ୍‌ଏସି ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ଇନ୍ଧନ ଓ ରାସନ ଭଳି ଆବଶ୍ୟକ ସାମଗ୍ରୀ ଯେପରି ନିରବିଚ୍ଛିନ୍ନ ଭାବେ ପହଞ୍ଚିପାରିବ, ସେଥିପାଇଁ ଏକ ନୂଆ ବିକଳ୍ପ ମାର୍ଗ ପ୍ରସ୍ତୁତ କରାଯାଉଛି।ବର୍ତ୍ତମାନ ଲଦାଖକୁ ଦେଶର ଅନ୍ୟ ଅଞ୍ଚଳ ସହ ଯୋଡୁଥିବା ଦୁଇଟି ପ୍ରମୁଖ ମାର୍ଗ ହେଉଛି ଶ୍ରୀନଗର-କାରଗିଲ-ଲେହ ଏବଂ ମନାଲୀ-ଲେହ। ଏହି ଦୁଇଟି ମାର୍ଗ ବ୍ୟତୀତ ନିମୁ-ପଦମ-ଦରଚା ମାର୍ଗକୁ ତୃତୀୟ ପ୍ରମୁଖ ବିକଳ୍ପ ଭାବେ ବିକଶିତ କରାଯାଉଛି। ଏହା ଫଳରେ ଗୋଟିଏ ରାସ୍ତା କୌଣସି କାରଣରୁ ବନ୍ଦ ହେଲେ ମଧ୍ୟ ସେନାର ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେବ ନାହିଁ। ପ୍ରାୟ ୨୯୮ କିଲୋମିଟର ଲମ୍ବା ନିମୁ-ପଦମ-ଦରଚା ମାର୍ଗ ଲଦାଖ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଯୋଗାଣ କରିଡର ହେବାକୁ ଯାଉଛି। ହିମାଚଳ ପ୍ରଦେଶ ପଟୁ ଏହି ମାର୍ଗ ଦେଇ ଲଦାଖରେ ପହଞ୍ଚିବା ସମ୍ଭବ ହେବ। ଏହା ଲଦାଖକୁ ଅନ୍ୟ ଏକ ଦିଗରୁ ଯୋଗାଯୋଗ ସୁବିଧା ଦେବା ସହ ସେନାର ଲଜିଷ୍ଟିକ୍ସ ଉପରେ ଚାପ କମାଇବ।ଶିଙ୍କୁନ୍ ଲା'ରେ ପ୍ରାୟ ୪.୧ କିଲୋମିଟର ଲମ୍ବା ସୁଡ଼ଙ୍ଗ ନିର୍ମାଣ ପରେ ଏହି ମାର୍ଗକୁ ବର୍ଷତମାମ ବ୍ୟବହାର କରିବାର ସୁବିଧା ମିଳିପାରିବ। ବରଫପାତ ଓ ଖରାପ ପାଣିପାଗ ସମୟରେ ମଧ୍ୟ ଯାତାୟାତ ଜାରି ରଖିବା ଦିଗରେ ଏହି ସୁଡ଼ଙ୍ଗର ଗୁରୁତ୍ୱ ରହିଛି।ଲଦାଖର ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ଅନେକ ବିକଳ୍ପ ଲିଙ୍କ୍ ରାସ୍ତା ପ୍ରସ୍ତୁତ କରାଯାଉଛି। ହନୁଥାଙ୍ଗ-ତୁର୍ତୁକ, ଖାଲ୍‌ସେ-ବଟଲିକ ଏବଂ କାରଗିଲ-ଦୁମଗିଲ ଭଳି ମାର୍ଗର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଖାରଦୁଙ୍ଗ ଲା' ଓ ବଟଲିକ ଅଞ୍ଚଳରେ ସୁଡ଼ଙ୍ଗ ପ୍ରକଳ୍ପ ମଧ୍ୟ ଆଗେଇ ଚାଲିଛି।ଏହା ସହ ସେନାର ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଡ୍ରୋନ୍ ଆକ୍ରମଣ ଭଳି ବିପଦରୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। କାଉଣ୍ଟର-ଡ୍ରୋନ୍ ବ୍ୟବସ୍ଥା, ନିରୀକ୍ଷଣ ତନ୍ତ୍ର, ସୁରକ୍ଷିତ ସଞ୍ଚାର ବ୍ୟବସ୍ଥା ଏବଂ ଫରୱାର୍ଡ ଷ୍ଟୋରେଜ ସୁବିଧାକୁ ଆହୁରି ମଜଭୁତ କରାଯାଉଛି। ଏଲ୍‌ଏସି ଭଳି ଅତ୍ୟନ୍ତ ସମ୍ବେଦନଶୀଳ ସୈନ୍ୟ କ୍ଷେତ୍ରରେ ଯୋଗାଣ ପାଇଁ ଗୋଟିଏ ମାର୍ଗ ଉପରେ ନିର୍ଭରଶୀଳ ରହିବା ବିପଦପୂର୍ଣ୍ଣ। ତେଣୁ ଏକାଧିକ ବିକଳ୍ପ ମାର୍ଗ ପ୍ରସ୍ତୁତ କରାଯାଉଛି। ଗୋଟିଏ ରାସ୍ତା ବନ୍ଦ ହେଲେ ଅନ୍ୟ ମାର୍ଗ ଦେଇ ସେନା ପାଖରେ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ।ଜୋଜିଲା ସୁଡ଼ଙ୍ଗ ମଧ୍ୟ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ।

### ଡେଙ୍ଗୁ ଭୟରେ ବଦଳିବ ସ୍କୁଲ ଡ୍ରେସ୍ !

## ଝିଅଙ୍କୁ ସ୍କର୍ଟ ନୁହେଁ, ସାଲୱାର ପିନ୍ଧିବାକୁ ଅପିଲ୍

**ନୂଆଦିଲ୍ଲୀ,୬।୯(ଏଜେନ୍ସି):** ଡେଙ୍ଗୁ ରୋକିବାକୁ ପଶ୍ଚିମବଙ୍ଗରେ ନୂଆ ପଦକ୍ଷେପ। ମଶା କାମୁଡ଼ାରୁ ସ୍କୁଲ ପିଲାଙ୍କୁ ସୁରକ୍ଷିତ ରଖିବା ପାଇଁ ୟୁନିଫର୍ମରେ ଅସ୍ଥାୟୀ ପରିବର୍ତ୍ତନ ପାଇଁ ଅପିଲ୍ କରିଛନ୍ତି ପଶ୍ଚିମବଙ୍ଗର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଶାରଦ୍ୱତ ମୁଖାର୍ଜୀ। ବିଶେଷକରି ଡେଙ୍ଗୁର ପ୍ରଭାବ ଅଧିକ ଥିବା ଆଗାମୀ ତିନି ମାସ ପାଇଁ ଛାତ୍ରଛାତ୍ରୀଙ୍କ ହାତ ଓ ଗୋଡ଼ ପୂରା ଢାଙ୍କି ରହିବା ଭଳି ପୋଷାକ ପିନ୍ଧାଇବାକୁ ସ୍କୁଲଗୁଡ଼ିକୁ ଅନୁରୋଧ କରାଯାଇଛି ।ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟାଳୟ ସ୍ୱାସ୍ଥ୍ୟ ଭବନରେ ହୋଇଥିବା ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହି ଅପିଲ୍ କରିଛନ୍ତି। ତାଙ୍କ କହିବା ଅନୁସାରେ, ଆଗାମୀ ତିନି ମାସ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରରେ ପିଲାମାନେ ଯେପରି ମଶା କାମୁଡ଼ାରୁ ଅଧିକ ସୁରକ୍ଷିତ ରହିପାରିବେ, ସେଥିପାଇଁ ସ୍କୁଲଗୁଡ଼ିକ ସତର୍କତାମୂଳକ ପଦକ୍ଷେପ ନେବା ଆବଶ୍ୟକ ।ମନ୍ତ୍ରୀ ସ୍କୁଲର ଶିକ୍ଷକ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ଅପିଲ୍ କରି କହିଛନ୍ତି, ଏହି ସମୟରେ ପିଲାଙ୍କୁ ଫୁଲ୍ ସ୍ଲିଭ୍ ଶାର୍ଟ ଓ ଫୁଲ୍ ଲେଙ୍ଗଥ ପ୍ୟାଣ୍ଟ ପିନ୍ଧିବାକୁ ଅନୁମତି ଦିଆଯାଉ । ଯେଉଁ ସ୍କୁଲରେ ଝିଅମାନେ ସ୍କର୍ଟ ପିନ୍ଧନ୍ତି, ସେଠାରେ ସ୍କର୍ଟ ବଦଳରେ ଗୋଡ଼ ଢାଙ୍କି ରହୁଥିବା ସାଲୱାର ସୁଟ୍ ପିନ୍ଧିବାକୁ ଅନୁମତି ଦେବାକୁ ମଧ୍ୟ ସେ କହିଛନ୍ତି । ତେବେ ମଶା କାମୁଡ଼ାରୁ ବଞ୍ଚିବା ପାଇଁ ନି-ହାଇ ସକ୍ସ ପିନ୍ଧାଇବା ପ୍ରସ୍ତାବକୁ ମନ୍ତ୍ରୀ ଉପଯୁକ୍ତ ବିକଳ୍ପ ମାନିନାହାନ୍ତି । ତାଙ୍କ ଯୁକ୍ତି ହେଉଛି, ଏଭଳି ସକ୍ସ ପତଳା ହୋଇଥିବାରୁ ତାହା ମଶା କାମୁଡ଼ାକୁ ସମ୍ପୂର୍ଣ୍ଣ ରୋକିପାରିବ ନାହିଁ। ତେଣୁ ହାତ ଓ ଗୋଡ଼କୁ ଭଲ ଭାବରେ ଢାଙ୍କି ରଖୁଥିବା ପୋଷାକ ହିଁ ଅଧିକ ପ୍ରଭାବୀ ବୋଲି ସେ ଗୁରୁତ୍ୱ ଦେଇଛନ୍ତି।ଏହି ସତର୍କତାମୂଳକ ପଦକ୍ଷେପ ନେଇ ସରକାରୀ ସ୍କୁଲଗୁଡ଼ିକ ପାଇଁ ପ୍ରଶାସନିକ ନିର୍ଦ୍ଦେଶନାମା ଜାରି ହେବାର ସମ୍ଭାବନା ରହିଛି। ଘରୋଇ ସ୍କୁଲଗୁଡ଼ିକୁ ମଧ୍ୟ ସମାନ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ। ତେବେ ୟୁନିଫର୍ମ ପରିବର୍ତ୍ତନ ନେଇ ଶେଷ ନିଷ୍ପତ୍ତି ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ ରହିବ । ମନ୍ତ୍ରୀ ଏହା ସହ ଡେଙ୍ଗୁର ଲକ୍ଷଣ ଦେଖାଦେଲେ ବିଳମ୍ବ ନକରି ଚିକିତ୍ସା ନେବାକୁ ମଧ୍ୟ ଲୋକଙ୍କୁ ସଚେତନ କରିଛନ୍ତି। ଅର୍ଥାତ୍, ମଶା ନିୟନ୍ତ୍ରଣ ସହିତ ସଚେତନତା, ଶରୀରକୁ ଅଧିକ ଢାଙ୍କି ରଖିବା ଓ ସମୟରେ ଚିକିତ୍ସା ଏହି ତିନୋଟି ଦିଗ ଉପରେ ଏବେ ପଶ୍ଚିମବଙ୍ଗ ସରକାର ଗୁରୁତ୍ୱ ଦେଉଛି ।



# ଆଇସିଏସ୍ଆଇର ୫୪ତମ କମ୍ପାନୀ ସେକ୍ରେଟାରିଜ୍ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୯ (ନି.ପ୍ର) :** ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱର, ଓଡ଼ିଶାରେ 'ନେକ୍ସଟ୍‌ଜେନ ସିଏସ୍- କାଟାଲିଷ୍ଟ ଅଫ୍ ଗ୍ରୋଥ୍ ଆଣ୍ଡ ଗାର୍ଡିଅନ୍ ଅଫ୍ ଗଭର୍ଣ୍ଣାନ୍ସ' ବିଷୟକୁ ନେଇ ତାହାର ୫୪ତମ ଜାତୀୟ ସମ୍ମିଳନୀ ୫ ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହୋଇଯାଇଛି । କମ୍ପାନୀ ସେକ୍ରେଟାରୀମାନଙ୍କର ୩- ଦିବସୀୟ ଏହି ବାର୍ଷିକ ସମାବେଶ ନିୟାମକ, ଶିଳ୍ପ ନେତୃବୃନ୍ଦ, ବୃତ୍ତିଧାରୀ ଏବଂ ଅନ୍ୟ ସହଭାଗୀମାନଙ୍କ ମଧ୍ୟରେ ଆଲୋଚନା ନିମନ୍ତେ ଏକ ମଞ୍ଚ ହେଉଥିବାବେଳେ ଏହା ଚିନ୍ତାଶୀଳ ବିଚାର ବିମର୍ଷ ଏବଂ ନିୟୋଜନକାରୀ ଆଲୋଚନା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେଉଛି । ଆଇସିଏସ୍ଆଇ ମଧ୍ୟ ଫିକି (ଏଫ୍‌ଆଇସିସିଆଇ) ଏବଂ ପେପର୍‌ଲାଇଟ୍ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା ସହିତ ନାଭିଗେଟିଂ ଗଭର୍ଣ୍ଣାନ୍ସ: ଏମଏସ୍‌ଏମଇ ଟ୍ରାନ୍ସଫର୍ମେସନ୍ ୱିକ, ଷ୍ଟାର୍ଟ-ଅପ୍ ଲଜ୍ ଏବଂ ଗଭର୍ଣ୍ଣାନ୍ସ ୱିକ୍ ଏବଂ ଏଆଇ-ପାୱର୍ଡ କମ୍ପାନୀ ସେକ୍ରେଟାରୀ: ଟ୍ରାନ୍ସଫର୍ମିଂ ସେକ୍ରେଟାରିଆଲ୍ ପ୍ରାକ୍ଟିସ୍, ଗଭର୍ଣ୍ଣାନ୍ସ ଆଣ୍ଡ କମ୍ପ୍ଲାଏନ୍ସ ଉପରେ ଏକ ୱେବିନାର୍ ସିରିଜ୍ ସମ୍ପର୍କରେ ଘୋଷଣା କରିଥିଲା । ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ଅନ୍ତର୍ଦୃଷ୍ଟି ପ୍ରକାଶ କରି ଶ୍ରୀ ଇନ୍ଦରଦୀପ ସିଂ ଧାରିୱାଲ୍, ଆଡିସନାଲ ଡେପୁଟି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ଅବସରପ୍ରାପ୍ତ) କହିଥିଲେ, 'କମ୍ପାନୀ ସେକ୍ରେଟାରୀ ମାନଙ୍କର ୫୪ତମ ଜାତୀୟ ସମ୍ମିଳନୀ ଏକ ଅନନ୍ୟ ସମାବେଶ ଅଟେ, ଯେଉଁଠାରେ ଅତୀତ ଭବିଷ୍ୟତକୁ ଭେଟିଥାଏ । ଏହାର ଅନ୍ତର୍ଦୃଷ୍ଟିସମ୍ପନ୍ନ ନିଖୁଣ ଭାବରେ ପ୍ରସ୍ତୁତ ଅଧିବେଶନଗୁଡିକ ସହିତ ଏହା ଏକ ସୁଦୃଢ ଭିତ୍ତିଭୂମି ବିଶ୍ୱାସ ପ୍ରଣାଳୀକୁ ପ୍ରୋତ୍ସାହିତ କରେ ଯାହା ପରବର୍ତ୍ତୀ ପିଢିର ନେତୃତ୍ୱକୁ ପ୍ରସ୍ତୁତ କରିବ । 'ଆଇସିଏସ୍ଆଇର ମୂଳ ଦର୍ଶନ ଉପରେ ଜୋର୍‌ଦେଇ ସିଏସ୍ ପଓ୍ୱନ୍ ଜି.ଚଣ୍ଡକ, ପ୍ରେସିଡେଣ୍ଟ, ଆଇସିଏସ୍ଆଇ କହିଥିଲେ, 'କମ୍ପାନୀ ସେକ୍ରେଟାରୀମାନଙ୍କ ମଧ୍ୟରେ ଅ'ର୍ନିହିତ ମୂଲ୍ୟବୋଧ ବ୍ୟବସ୍ଥା ସଚ୍ଚୋଟତା, ବିଶ୍ୱାସ ଏବଂ ଦାୟବଦ୍ଧତା ଉପରେ ଆଧାରିତ । ନୈତିକ ମାର୍ଗଦର୍ଶନ ପ୍ରଦାନ କରି ଏବଂ ମଜଭୁତ ପରିଚାଳନା ସୁନିଶ୍ଚିତ କରି ଆଇସିଏସ୍ଆଇ ବୋର୍ଡଗୁଡିକୁ ସମର୍ଥନ କରିବା ସହିତ ନିୟାମକମାନଙ୍କୁ ସଶକ୍ତ କରୁଛି ଏବଂ ରାଷ୍ଟ୍ରନିର୍ମାଣରେ ଅବଦାନ ରଖୁଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ କମ୍ପାନୀ ସେକ୍ରେଟାରୀ, ବୃତ୍ତିଧାରୀ, ଡାଇରେକ୍ଟରବୃନ୍ଦ, ବରିଷ୍ଠ ସରକାରୀ ଅଧିକାରୀଗଣ ଏବଂ ଅନ୍ୟ ସହଭାଗୀମାନେ ଯୋଗଦେଇଛନ୍ତି । ଭର୍ଚୁଆଲ୍ ଉପରେ ପ୍ରାୟ ୩୦୦୦ ପ୍ରତିନିଧି ଏଥିରେ ଯୋଗଦେଉଛନ୍ତି । ସିଏସ୍ ଦ୍ୱାରକାନାଥ ଚେନ୍ନୁର, ଭାଇସ୍ ପ୍ରେସିଡେଣ୍ଟ, ଆଇସିଏସ୍ଆଇ; ସିଏସ୍ ଭେଙ୍କଟ ରମନା ଆର୍, କାଉନସିଲ୍ ମେମ୍ବର ଓ ଚେୟାରମ୍ୟାନ, ପ୍ରଫେସନାଲ ଡେଭେଲପମେଣ୍ଟ କମିଟି, ଆଇସିଏସ୍ଆଇ; ସିଏସ୍ ସନ୍ଦୀପ କୁମାର କେଜ୍‌ରିୱାଲ, କାଉନସିଲ୍ ମେମ୍ବର ଓ ପ୍ରୋଗ୍ରାମ ଡାଇରେକ୍ଟର, ଆଇସିଏସ୍ଆଇ; ସିଏସ୍ ବିଶାଲ ହରଲାଲକା, ଚେୟାରମ୍ୟାନ, ଇଆଇଆର୍‌ସି, ଆଇସିଏସ୍ଆଇ ମଧ୍ୟ ଏହି ଅବସରରେ ସମାବେଶକୁ ସମ୍ବୋଧିତ କରିଥିଲେ ।




# ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୯ (ନି.ପ୍ର) :** ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ସେପ୍ଟେମ୍ବର ୫ରେ ରବୀନ୍ଦ୍ର ମଣ୍ଡପରେ ବହୁ ଜାକଜମକରେ ଆରମ୍ଭ ହୋଇଛି । ସେପ୍ଟେମ୍ବର ୫ - ୯ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରେ ଆୟୋଜିତ ଏହି ପାଞ୍ଚଦିନିଆ ସାଂସ୍କୃତିକ ମହାକୁମ୍ଭରେ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ନାଟକର ଅନନ୍ୟ ପ୍ରଦର୍ଶନୀର ଏକ ଚମତ୍କାର ସମାହାର ରହିଛି । ଓଡ଼ିଶାର ସାଂସ୍କୃତିକ କ୍ୟାଲେଣ୍ଡରରେ ଏହି ପ୍ରମୁଖ ଶାସ୍ତ୍ରୀୟ ଆୟୋଜନର ଚଳିତ ବର୍ଷର ସଂସ୍କରଣ ପୂଜ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ସହ ସମକାଳୀନ ହୋଇଛି । ଉଦ୍ ?ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଓ ସଙ୍ଗୀତ ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ବିଦୁଷୀ ଶୁଭା ମୁଦଗଲ ନିଜର ସୁରମ୍ୟ ସଙ୍ଗୀତ ଯାତ୍ରାରେ ଭୁବନେଶ୍ୱରର ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଏକ ଯଥାର୍ଥ ଶୁଭାରମ୍ଭ କରିଥିଲେ ।

କାର୍ଯ୍ୟକ୍ରମଟି ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିଲା, ଯେଉଁଥିରେ ସ୍ୱାଗତ ଅଭିଭାଷଣ ଏବଂ ସନ୍ଧ୍ୟାର ସମ୍ମାନନୀୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା, ସେମାନେ ହେଲେ ବରିଷ୍ଠ ଗାୟକ ଓ ବିଶିଷ୍ଟ ସଙ୍ଗୀତ ବିଶାରଦ ପଣ୍ଡିତ ଅନୁପ ଜଲୋଟା, ଓଡ଼ିଶା ସରକାରଙ୍କ ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଶ୍ରୀ ଅଶୋକ କୁମାର ତ୍ରିପାଠୀ, ଏମ୍ ?.ଜି.ଏମ୍ ? ମିନେରାଲ୍ସ ଲିମିଟେଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଙ୍କଜ ଲୋଚନ ମହାନ୍ତି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ତେଜ ପ୍ରତାପ ଓ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ।

ଉଦ୍ ?ଘାଟନୀ ସନ୍ଧ୍ୟାରେ ଶୁଭା ମୁଦଗଲ ସୁନ୍ଦର ଏବଂ ସୁମଧୁର ରାଗ ବାଗେଶ୍ରୀରେ ଦୁଇଟି ରଚନା ସହିତ ତାଙ୍କର ଉପସ୍ଥାପନା ଆରମ୍ଭ କରିଥିଲେ । ପ୍ରଥମଟି ଥିଲା ବିଳମ୍ବିତରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉପରେ କେନ୍ଦ୍ରିତ ଏକ ରଚନା ଯାହା ରୂପକ ତାଳରେ ସଂରକ୍ଷିତ ଥିଲା । ତା'ପରେ ସେ ମଧ୍ୟଲୟରେ ତିନ ତାଳରେ ଏକ ରଚନା ଉପସ୍ଥାପନ କରିଥିଲେ ଯାହା ମଙ୍ଗତ ଚାନ୍ଦ କନହୟାଙ୍କ ରଚନା କୃଷ୍ଣ ଜନ୍ମାଷ୍ଟମୀର ଭକ୍ତିଭାବ ଏବଂ ରାଗ ବାଗେଶ୍ରୀର ଜଟିଳତାର ଆଭାକୁ ପ୍ରତିଧ୍ୱନିତ କରିଥିଲା । ଭାରତର ଜଣେ ପ୍ରମୁଖ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଭାବରେ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ, ସେ ତା'ପରେ ରାଗ ଗୌର ମଲହାରରେ ଏକ ସୁନ୍ଦର ଏବଂ ଆତ୍ମାପୂର୍ଣ୍ଣ ରଚନା ପରିବେଷଣ କରିଥିଲେ, ପରେ ପରେ ସେ ଖୟାଲ, ଥୁମରୀ ଏବଂ ଦାଦରା ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ତାଙ୍କୁ ତବଲାରେ ଡ. ଅନୀଶ ପ୍ରଧାନ, ହାର୍ମୋନିୟମରେ ଶ୍ରୀ ସୁଧୀର ନାୟକ ଏବଂ ତନପୁରାରେ ସୁଶ୍ରୀ ନୀଳିମା ପ୍ରଧାନ ସହଯୋଗ କରିଥିଲେ । ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମକୁ ସୁବକ୍ତା ଡ. ମୃତ୍ୟୁଞ୍ଜୟ ରଥ ସୁଚାରୁ ଭାବେ ପରିଚାଳନା କରିଥିଲେ ।

ଆସନ୍ତା କାଲିର ପ୍ରସ୍ତୁତିରେ ରହିଛି ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସରୋଦ ବାଦନ ସହ ଶ୍ରୀ ସତ୍ୟଜିତ ତାଲୱାଲକରଙ୍କ ତବଲା ବାଦନ ଏବଂ ଶେଷରେ ଶ୍ରୀମତୀ ଲିପ୍ସା ଶତପଥୀଙ୍କ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ । ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦୂରଦୃଷ୍ଟି ଓ ସୂକ୍ଷ୍ମ ନିର୍ଦ୍ଦେଶନାରେ ପରିକଳ୍ପିତ ଏହି ଉତ୍ସବକୁ ପ୍ରତିବର୍ଷ ପରି ଏ ବର୍ଷ ମଧ ଶ୍ରୀ ଦେବୀପ୍ରସାଦ ମିଶ୍ର ଅତି ସୁନ୍ଦର ଭାବରେ ପରିଚାଳନା କରିଛନ୍ତି ।




୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମର୍ଥନ କରୁଛନ୍ତି ଏବଂ ଏମ୍ ?.ଜି.ଏମ୍ ? ମିନେରାଲ୍ସ ଲିମିଟେଡ୍ ଏବଂ ଶାଲିମାର କେମିକାଲ୍ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ ଅନୁଦାନ ପ୍ରଦାନ କରିଛନ୍ତି । ଓଡ଼ିଶା ଖଣି ନିଗମ ଲିମିଟେଡ୍ ଏବଂ ଓଡ଼ିଶା ପର୍ଯ୍ୟଟନ ଗୋଲ୍ଡ ପ୍ରାୟୋଜକ ଥିଲାବେଳେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସିଲଭର ପ୍ରାୟୋଜକ ଅଛନ୍ତି ।

# ଓଡ଼ିଶାରେ ଜିଓ ଡିଜିଟାଲ କ୍ରାନ୍ତିର ସ୍ୱର୍ଣ୍ଣିମ ୧୦ ବର୍ଷ

**ଭୁବନେଶ୍ୱର, ୬।୯ (ନି.ପ୍ର) :** ସାରା ଦେଶ ସହିତ ଓଡ଼ିଶାରେ ମଧ ରିଲାଏନ୍ସ ଜିଓ ୨୦୧୬ ସେପ୍ଟମ୍ବର ୫ରେ ବ୍ୟବସାୟିକ ସେବା ଆରମ୍ଭ କରିଥିଲା । ବିଗତ ଦଶ ବର୍ଷ ମଧ୍ୟରେ ଜିଓ ଅନ୍ୟ ସମସ୍ତ ଟେଲିକମ୍ ଅପରେଟରମାନଙ୍କୁ ପଛରେ ପକାଇ ଉଭୟ ଗ୍ରାହକ ସଂଖ୍ୟା ଓ ରାଜସ୍ୱ କ୍ଷେତ୍ରରେ ଓଡ଼ିଶାରେ ଏକ ନମ୍ବର ସ୍ଥାନ ହାସଲ କରିଛି । ଟ୍ରାଇ ତଥ୍ୟ ଅନୁଯାୟୀ ଶୁଭାରମ୍ଭର ପ୍ରଥମ ମାସରେ ଓଡ଼ିଶାରେ ୫.୮ ଲକ୍ଷ ଗ୍ରାହକ ହାସଲ କରିଥିବା ଜିଓ ଜୁଲାଇ ୨୦୨୬ ସୁଦ୍ଧା ରାଜ୍ୟରେ ସର୍ବାଧିକ ୧ କୋଟି ୮୫ ଲକ୍ଷରୁ ଊର୍ଦ୍ଧ୍ୱ ମୋବାଇଲ ଗ୍ରାହକଙ୍କ ସହିତ ଏକ ନମ୍ବର ସ୍ଥାନ ହାସଲ କରିଛି । ରାଜ୍ୟରେ ରହିଥିବା ମୋଟ ୩ କୋଟି ୯୦ ଲକ୍ଷରୁ ଊର୍ଦ୍ଧ୍ୱ ମୋବାଇଲ ଉପଭୋକ୍ତାଙ୍କ ମଧ୍ୟରୁ ଜିଓ ଓଡ଼ିଶାରେ ୪୭.୪ ପ୍ରତିଶତ ଗ୍ରାହକ ବଜାର ଅଂଶ ଏବଂ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱର ପ୍ରାୟ ୫୨ ପ୍ରତିଶତ ଅଂଶ ହାସଲ କରି ସର୍ବାଗ୍ରେ ରହିଛି । ଜିଓ ସହିତ ଆସିଥିବା ଡାଟା କ୍ରାନ୍ତି ବଳରେ ଓଡ଼ିଶାରେ ମୋବାଇଲ ଡାଟା ଓ ଇଣ୍ଟରନେଟ ବ୍ୟବହାର ମଧ ଏହି ଦଶ ବର୍ଷ ମଧ୍ୟରେ ବହୁଗୁଣ ବୃଦ୍ଧି ପାଇଛି । ଟ୍ରାଇ ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୧୬ ସେପ୍ଟେମ୍ବରରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୯୦ ଲକ୍ଷ ରହିଥିବାବେଳେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଛି । ସହରାଞ୍ଚଳ ତୁଳନାରେ ରାଜ୍ୟର ଗ୍ରାମାଞ୍ଚଳରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଛି । ଓଡ଼ିଶାର ଗ୍ରାମାଞ୍ଚଳରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସେପ୍ଟେମ୍ବର ୨୦୧୬ରେ ପ୍ରାୟ ୩୮ ଲକ୍ଷରୁ ବୃଦ୍ଧିପାଇ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୧ କୋଟି ୮୭ ଲକ୍ଷରୁ ଊର୍ଦ୍ଧ୍ୱରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି । ରାଜ୍ୟର ଗ୍ରାମାଞ୍ଚଳରେ ଏହି ଡିଜିଟାଲ କ୍ରାନ୍ତିରେ ଜିଓର ସର୍ବବୃହତ ୪ଜି ଓ ୫ଜି ନେଟୱର୍କ ଏବଂ ଦୁର୍ଗମ ଅଞ୍ଚଳକୁ ହାଇସ୍ପିଡ଼ ଡିଜିଟାଲ ନେଟୱର୍କରେ ଯୋଡିବା ଦିଗରେ ନିରନ୍ତର ପ୍ରୟାସ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଡିଜିଟାଲ କ୍ରାନ୍ତିର ଫଳ ସ୍ୱରୂପ ରାଜ୍ୟରେ ପ୍ରତି ୧୦୦ ଜଣରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୬ ସେପ୍ଟେମ୍ବରରେ ୨୧.୨୧ ରୁ ପ୍ରାୟ ତିନିଗୁଣ ବୃଦ୍ଧିପାଇ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୬୪.୭୯ ରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି । ଏଥିରେ ମଧ ସବୁଠାରୁ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ଗ୍ରାମାଞ୍ଚଳରେ, ଯେଉଁଠାରେ ପ୍ରତି ୧୦୦ ଜଣରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୬ ସେପ୍ଟେମ୍ବରରେ ୧୧.୦୬ରୁ ଚାରି ଗୁଣରୁ ଅଧିକ ବୃଦ୍ଧିପାଇ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୪୯.୩୦ରେ ପହଞ୍ଚିଛି । ଡିଜିଟାଲ ଦୁନିଆ ସହିତ ଯୋଡିଛି । ଦେଶରେ ପ୍ରାୟ ୫୦ କୋଟି ଲୋକ ପୁରୁଣା ଏବଂ ମହଙ୍ଗା (କଲ୍ କରିବାକୁ) ୨ଜି ପ୍ରଯୁକ୍ତିର ବ୍ୟବହାର କେବଳ ଏଥିପାଇଁ କରୁଥିଲେ, କାରଣ ସେମାନଙ୍କ ପାଖରେ ୪ଜି ପ୍ରଯୁକ୍ତିରେ ଚାଲିବା ପାଇଁ ମହଙ୍ଗା ଫୋନ କିଣିବାକୁ ଟଙ୍କା ନଥିଲା ଅଥବା ସେମାନେ ବଟନ୍ ବିଶିଷ୍ଟ ଫୋନ ବ୍ୟବହାର କରିବାକୁ ଚାହୁଁଥିଲେ । ଜିଓ ଯଥେଷ୍ଟ କମ୍ ମୂଲ୍ୟରେ ୪ଜି ଫୋନ ପ୍ରଚଳନ କରି ଏହି ଦୁଇଦିଗିଆ ସମସ୍ୟାକୁ ଦୂର କରିଛି ।




# ଟାଟା ଡଟ୍ କାର୍‌ସ ପକ୍ଷରୁ କର୍ଭଭି ସିରିଜ ଏକ୍ସର ଶୁଭାରମ୍ଭ

**ଭୁବନେଶ୍ୱର,୬।୯ (ନି.ପ୍ର) :** ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ଓ ଦେଶର ସର୍ବବୃହତ ଚାରିଚକିଆ ଇଭି ନିର୍ମାତା ଟାଟା ଡଟ୍ କାର୍‌ସ ପକ୍ଷରୁ ଆଜି ନୂଆ କର୍ଭଭି ସିରିଜ ଏକ୍ସର ଲଂଚ୍ ଘୋଷଣା କରାଯାଇଛି, ଯାହା ଭାରତର ପ୍ରଥମ ଏସୟୁଭି କୁପ୍‌ର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ଼ କରିଛି । ଏହି ସିରିଜରେ କର୍ଭଭି ସିରିଜ ଏକ୍ସ ପ୍ୟୋର ଏକ୍ସ+ ପର୍‌ସୋନା ଏବଂ କର୍ଭଭି ସିରିଜ ଏକ୍ସ କ୍ରିଏଟିଭ ଏକ୍ସ+ ପର୍‌ସୋନା ସାମିଲ ରହିଛି । ଏହି ନୂଆ ସିରିଜର ପ୍ରାରମ୍ଭିକ ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି । କର୍ଭଭି ସିରିଜ ଏକ୍ସ ମହତ୍ୱାକାଂକ୍ଷୀ ଏସୟୁଭି କୁପ୍ ଡିଜାଇନ ସହ, ଉନ୍ନତ କାର୍ଯ୍ୟଦକ୍ଷତା, ପ୍ରିମିୟମ ଫିଚର ସହ ଆକର୍ଷଣୀୟ ଇଂଟେରିୟର ଏବଂ ଟାଟା ସେଫ୍ଟି ଡୋମ୍‌ର ସୁରକ୍ଷାକୁ ଏକ ପ୍ୟାକେଜରେ ଏକତ୍ରିତ କରିଛି । ଏହା ପ୍ୟୋର ଏକ୍ସ ଓ କ୍ରିଏଟିଭ ଏକ୍ସର ପର୍‌ସୋନା ମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶିତ ହେଉଛି ।

୧୦.୯୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପ୍ୟୋର୍ ଏକ୍ସ, କର୍ଭଭିର ସିଗ୍ନେଚର ଏସୟୁଭି କୁପ୍ ଡିଜାଇନକୁ ଅଲ୍‌ଟ୍ରାଭ୍ୟୁ ୧୦.୨୫ ଇଂଚ ଇନ୍‌ଫୋଟେନ୍‌ମେଂଟ ସିଷ୍ଟମ ବାଏ ହରମ୍ନ, ୱାୟାରଲେସ ଆଣ୍ଡ୍ରଏଡ ଅଟୋ ଓ ଆପ୍‌ଲ କାର୍‌ପ୍ଲେ, କ୍ରୁଜ କଂଟ୍ରୋଲ, ସ୍ମାର୍ଟ କୀ ସହ ପାସିଭ ଏଂଟ୍ରି ପାସିଭ ଷ୍ଟାର୍ଟ, ୬ ସ୍ପିକର, ଫୁଲି ଅଟୋମାଟିକ ଟେମ୍ପରେଚର କଂଟ୍ରୋଲ, ଏଲଇଡି ହେଡ୍‌ଲ୍ୟାମ୍ପ ଓ ଟେଲ୍ ଲ୍ୟାମ୍ପ, ସେଫ୍ଟି ଡୋମ୍ ଭଳି ପ୍ରିମିୟମ ଫିଚରଗୁଡ଼ିକୁ ଏକତ୍ରିତ କରିଛି । ଅଧିକ ଆରାମ ଚାହୁଁଥିବା ଗ୍ରାହକଙ୍କ ପାଇଁ ପ୍ୟୋର ଏକ୍ସ+ ଅତିରିକ୍ତ ୮୦,୦୦୦ ଟଙ୍କାରେ ଉନ୍ନତ ପ୍ଲସନେସ୍ ଓ ଆର୍‌୧୭ ଡାଇମଣ୍ଡ କଟ୍ ଆଲୟ ହ୍ୱିଲ ଯୋଗ କରିଥାଏ । ସେହିପରି ଡାର୍କ ଏଡିସନ ୧୧.୯୯ ଲକ୍ଷ ଟଙ୍କାରେ ପ୍ୟୋର ପର୍‌ସୋନାରୁ ଉପଲବ୍ଧ ହେଉଛି । ସେହିପରି କ୍ରିଏଟିଭ ଏକ୍ସ+ ୧୨.୯୧ ଲକ୍ଷ ଟଙ୍କାରେ ଏରୋଭ୍ୟୁ ପାନୋରାମିକ ସନ୍‌ରୁଫ, ୩୬୦° ସରାଉଣ୍ଡ ଭ୍ୟୁ ସହ ବ୍ଲାଇଣ୍ଡ ଭ୍ୟୁ ମନିଟର, ଆର୍‌୧୮ ଡାଇମଣ୍ଡ-କଟ୍ ଆଲୟ ହ୍ୱିଲ, ଟ୍ୱିନ ସ୍କ୍ରିନ ଅଲ୍‌ଟ୍ରା ଭ୍ୟୁ ୨୬.୦୩ ସେମି (୧୦.୨୫ ଇଂଚ) ଇନ୍‌ଫୋଟେନମେଂଟ ବାଏ ହରମନ୍ ସହ ୨୬.୦୩ ସେମି ଡିଜିଟାଲ କକ୍‌ପିଟ, ନାଭିଗେଶନ ଡିସ୍‌ପ୍ଲେ ଏବଂ ରିକ୍ଲାଇନିଂ ରିୟର ସିଟ୍ ସହ ଏକ ଲେଦରେଟ କ୍ୟାବିନ ପ୍ରଦାନ କରୁଛି । କର୍ଭଭି ଏକ୍ସ ସିରିଜ , କର୍ଭଭି ଡଟ୍ ଇଭି ସିରିଜ ଏକ୍ସ ସହିତ ଚଳିତ ବର୍ଷ ଆରମ୍ଭରେ ଶୁଭାରମ୍ଭ କରାଯାଇଥିବା ସମାନ ଗ୍ରାହକ ପ୍ରଥମ ଆଭିମୁଖ୍ୟକୁ ଅନୁସରଣ କରୁଛି ଯାହା ଅତ୍ୟାଧୁନିକ ଡିଜାଇନ, ସେଗମେଂଟ ଅଗ୍ରଣୀ ଫିଚର, ଶ୍ରେଣୀ ଅଗ୍ରଣୀ ଆରାମ ଓ ରୋମାଂଚକର କାର୍ଯ୍ୟଦକ୍ଷତାର ଏକ ମିଶ୍ରଣକୁ ଏକ ଆକର୍ଷଣୀୟ ମୂଲ୍ୟରେ ପ୍ରଦାନ କରୁଛି ।




# ଟାଟା ହିଟାଚି ପକ୍ଷରୁ ଖଡ଼ଗପୁର ପ୍ଲାଣ୍ଟରେ ନୂଆ ୱେୟାରହାଉସ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୯ (ନି.ପ୍ର) :** 'ଟାଟା ହିଟାଚି କନଷ୍ଟ୍ରକସନ ମେସିନାରୀ କମ୍ପାନୀ ପ୍ରାଇଭେଟ ଲିମିଟେଡ', ପକ୍ଷରୁ ପଶ୍ଚିମବଙ୍ଗର ଖଡ଼ଗପୁରସ୍ଥିତ ଏହାର କାରଖାନାରେ ଏକ ନୂଆ ଗୋଦାମ ଘର ବା ୱେୟାରହାଉସ ଉଦଘାଟନ କରାଯାଇଛି । ଟାଟା ହିଟାଚିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ, ସ୍ପେୟାର ପାର୍ଟସ ଆଣ୍ଡ ସର୍ଭିସ ବିଜନେସ ୟୁନିଟର ପ୍ରେସିଡେଂଟ ତଥା ଏକଜିକ୍ୟୁଟିଭ ଅଫିସର, ଶ୍ରୀ ହିରୋସି ହୋସୋକାୱାଙ୍କ ସହିତ ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ସନ୍ଦୀପ ସିଂହ ମିଳିତ ଭାବେ ଏହି ନୂତନ ଗୋଦାମ ଘରକୁ ଉଦଘାଟନ କରିଥିଲେ । ସ୍ପେୟାର ପାର୍ଟସ ଆଣ୍ଡ ସର୍ଭିସ ବିଜନେସ ୟୁନିଟର ପ୍ରେସିଡେଂଟ ତଥା ଏକଜିକ୍ୟୁଟିଭ ଅଫିସର ଶ୍ରୀ ହିରୋସି ହୋସୋକାୱା । ମେସିନଗୁଡ଼ିକର କାର୍ଯ୍ୟକାଳ ମଧ୍ୟରେ ଗ୍ରାହକମାନଙ୍କୁ ସହାୟତା ଯୋଗାଇବା ପାଇଁ ଏକ ମଜବୁତ ବିକ୍ରୟ-ପରବର୍ତ୍ତୀ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ନୂତନ ବ୍ୟବସ୍ଥା ଏକ ତତ୍ପର ଓ ଦକ୍ଷ ପାର୍ଟସ ଏବଂ ସର୍ଭିସ ନେଟୱାର୍କ ଗଠନ କରିବା ଦିଗରେ ଟାଟା ହିଟାଚିର ଧ୍ୟାନକୁ ଆହୁରି ମଜବୁତ କରୁଛି । ଏହି ଅବସରରେ ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ସନ୍ଦୀପ ସିଂହ କହିଛନ୍ତିଯେ, 'ଖଡ଼ଗପୁରରେ ପ୍ରତିଷ୍ଠା ହୋଇଥିବା ଏହି ନୂଆ ଗୋଦାମ ଆମ ଯୋଗାଣ ଶୃଙ୍ଖଳା କ୍ଷମତାକୁ ବଢ଼ାଇବା ଏବଂ ଗ୍ରାହକଙ୍କୁ ଆହୁରି କ୍ଷିପ୍ର, ଦକ୍ଷ ଓ ଭରସାଯୋଗ୍ୟ ଭାବେ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।



# କୋରାପୁଟରେ ଟିପିଏସ୍‌ଓଡିଏଲର ସୁରକ୍ଷା ନବସୃଜନ ଓ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା

**କୋରାପୁଟ, ୬।୯ (ନି.ପ୍ର) :** ଏକ ସୁରକ୍ଷିତ ବିଦ୍ୟୁତ ବିତରଣ ବ୍ୟବସ୍ଥା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଜୟକୋ ସେଫ୍ଟି ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡର ସହଯୋଗରେ କୋରାପୁଟଠାରେ ଏକ ସ୍ୱତନ୍ତ୍ର ସୁରକ୍ଷା ନବସୃଜନ ଓ ପରୀକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଛି । ବିଦ୍ୟୁତ ନିରୋଧକ ରବର ଗ୍ଲୋବସ୍ ସହ କ୍ଷେତ୍ର କର୍ମଚାରୀମାନେ ବ୍ୟବହାର କରୁଥିବା ସୁରକ୍ଷା ଉପକରଣର ଆଭ୍ୟନ୍ତରୀଣ ମାନ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଯାହାଫଳରେ ବିଦ୍ୟୁତଜନିତ ଦୁର୍ଘଟଣାରୁ କର୍ମଚାରୀମାନେ ସୁରକ୍ଷିତ ରହିପାରିବେ । ଟାଟା ପାୱାରର ଚିଫ୍- ସୁରକ୍ଷା ( ସଞ୍ଚାରଣ ଓ ବିତରଣ) ଶ୍ରୀ ତୁଷାର କାନ୍ତି ଭଟ୍ଟାଚାର୍ଯ୍ୟ, ଜୟପୁର ଓ ରାୟଗଡ଼ାର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ଜୋନାଲ୍ ହେଡ୍ ଶ୍ରୀ ମନ୍ମଥ ନାଥ ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସୁରକ୍ଷା କେନ୍ଦ୍ରକୁ ବିଦ୍ଧିବଦ୍ଧ ଭାବେ କାର୍ଯ୍ୟକ୍ଷମ କରାଯାଇଥିଲା । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲର ପ୍ରତ୍ୟେକ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ସୁରକ୍ଷା ରହିଛି । କୋରାପୁଟଠାରେ ସୁରକ୍ଷା ନବସୃଜନ ଓ ପରୀକ୍ଷଣ କେନ୍ଦ୍ର କମ୍ପାନୀର କ୍ଷେତ୍ରୀୟ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ । ସୁରକ୍ଷାକୁ ନିର'ର ସୁଦୃଢ଼ କରିବା ଦିଗରେ କମ୍ପାନୀ ଏଭଳି ପଦକ୍ଷେପ ନେଇଛି । କର୍ମଚାରୀ ମାନେ ବ୍ୟବହାର କରୁଥିବା ସୁରକ୍ଷା ଉପକରଣର ମାନକୁ ବୃଦ୍ଧି କରି ଆମେ କେବଳ କର୍ମଚାରୀଙ୍କର ସୁରକ୍ଷା ସୁନିଶ୍ଚିତ କରୁନାହୁଁ, ବରଂ ଗ୍ରାହକ ସଂପ୍ରଦାୟକଙ୍କ ନିମନ୍ତେ ଏକ ସୁରକ୍ଷିତ ବିଦ୍ୟୁତ ନେଟୱର୍କ ପ୍ରସ୍ତୁତ କରୁଛୁ ।'ଏହି କେନ୍ଦ୍ରରେ ପୁନଃ ବ୍ୟବହାର ଯୋଗ୍ୟ ବିଦ୍ୟୁତ ନିରୋଧକ ଗ୍ଲୋବସ୍ ଗୁଡ଼ିକର ପରୀକ୍ଷଣ ଓ ବୈଧତା ନିର୍ଦ୍ଧାରଣ କରାଯିବ । ଗ୍ଲୋବସ୍ ର ଡାଇ-ଇଲେକଟ୍ରିକ୍ ଅଖଣ୍ଡତା ଓ ବିଦ୍ୟୁତ ପ୍ରତିରୋଧ କ୍ଷମତା ଯାଞ୍ଚ କରି ଏହାକୁ ବ୍ୟବହାର ନିମନ୍ତେ ଅନୁମୋଦିତ କରାଯିବ । ଫଳରେ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନେ ଅଧିକ ସୁରକ୍ଷିତ ରହିବେ । ଏହି କେନ୍ଦ୍ର ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ବାହ୍ୟ ସଂସ୍ଥା ଉପରେ କମ୍ପାନୀର ନିର୍ଭରଶୀଳତାକୁ ହ୍ରାସ କରିବ । ଏହା ସହ କମ୍ ସମୟରେ ବୈଜ୍ଞାନିକ ମୂଲ୍ୟାଙ୍କନ ସମ୍ଭବପର ହୋଇପାରିବ । କର୍ମଚାରୀଙ୍କ ସୁରକ୍ଷା ଓ ଗ୍ରାହକ ସେବା ପରସ୍ପର ସହ ଜଡ଼ିତ ଅଟେ । ସୁରକ୍ଷିତ କର୍ମଚାରୀମାନେ ହିଁ ସୁରକ୍ଷିତ ବିଦ୍ୟୁତ କାର୍ଯ୍ୟ ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ସେବା ପ୍ରଦାନ କରିପାରିବେ । ଏହି ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ନିଜର ସମଗ୍ର କାର୍ଯ୍ୟ ପରିସରରେ ଏକ ସକ୍ରିୟ ଏବଂ ପ୍ରମାଣଭିତ୍ତିକ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି ।



# ଏଆଇ+ ପକ୍ଷରୁ ସ୍ୱଚ୍ଛ ସଫ୍ଟୱେୟାର ଭର୍ସନ ଓ ନେଟ୍‌ୱର୍କ ଡାଇଗ୍ନୋଷ୍ଟିକ୍ସ ସହିତ ନେକ୍ସଟ କ୍ୱାଂଟମ୍ ଓଏସ

**ଭୁବନେଶ୍ୱର, ୬।୯ (ନି.ପ୍ର) :** ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ନେକ୍ସଟ କ୍ୱାଂଟମ ଓଏସ ଭି୧.୧ର ଶୁଭାରମ୍ଭ କରାଯାଇଛି ଯାହା ଏହାର ଗୋପନୀୟତା ଢାଂଚାକୁ ସୁଦୃଢ଼ କରିଛି ଏବଂ ଆପ୍ଲିକେଶନଗୁଡିକ କିଭଳି ନିଜର ଡିଭାଇସ ଓ ଡାଟା ଆକ୍‌ସେସ କରୁଛନ୍ତି ତାହା ଉପରେ ଉପଭୋକ୍ତାଙ୍କୁ ଉନ୍ନତ ଦୃଶ୍ୟମାନତା ଓ ନିୟନ୍ତ୍ରଣ ପ୍ରଦାନ କରିଥାଏ । ଡାଟା ଅଖଣ୍ଡତା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧତାର ଅଂଶ ଭାବେ ନେକ୍ସଟ କ୍ୱାଂଟମ ଏକ କଠୋର ସାର୍ବଭୌମ୍ୟ ଡାଟା ସୀମା ଲାଗୁ କରିଥାଏ, ଯାହା ନିଶ୍ଚିତ କରିଥାଏ ଯେ, ୧୦୦% ଆପ୍ଲିକେଶନ ଡାଟା ଟ୍ରାଫିକ ସ୍ଥାନୀୟ, ଭାରତ-ଆୟୋଜିତ ଭିତିଭୂମି ମାଧ୍ୟମରେ ପଠାଯାଇଛି । ଏହି ମଜବୁତ ସିଷ୍ଟମ ପରିଧି ସୁରକ୍ଷା ନିଶ୍ଚିତ କରିବା ପାଇଁ ୧୦୦୦ରୁ ଅଧିକ କନେକ୍ସନ ଓ ୧୭୨ଟି ସ୍ୱତନ୍ତ୍ର ଡେଷ୍ଟିନେଶନ ଆଇପିଓରେ ସୋର୍ସ ନିୟମଗୁଡିକର ସ୍ୱୟଂଚାଳିତ ବିଶ୍ଳେଷଣ କରିଥାଏ । ଉଲ୍ଲେଖନୀୟ ଯେ, ସମସ୍ତ ଡାଟା ଟ୍ରାଫିକ୍ ଓ ଆଇ ପିଙ୍ଗ୍ ଭାରତ ମଧ୍ୟରେ ଅନ୍ତର୍ଭୁକ୍ତ, ବାହ୍ୟ ଟ୍ରାଫିକ୍ ଜରୁରୀ ଗୁଗଲ କୋର୍ ସେବା ପର୍ଯ୍ୟନ୍ତ ସୀମିତ ଯାହା କେବଳ କାଲିଫର୍ନିଆ ଏବଂ ସିଙ୍ଗାପୁରକୁ ନିର୍ଦ୍ଦେଶିତ, ଏହା ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ୍ କାର୍ଯ୍ୟ ପାଇଁ ଆବଶ୍ୟକ । ଏହି ପଦ୍ଧତି କେବଳ ଡାଟା ଏକତାକୁ ପ୍ରାଥମିକତା ଦିଏ ନାହିଁ ବରଂ ନେକ୍ସଟକ୍ୱାଂଟମ୍ ଓଏସ ଫ୍ରେମୱାର୍କ ସହିତ ଉପଭୋକ୍ତାଙ୍କ ସୂଚନାକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ମଧ ସୁଦୃଢ଼ କରିଥାଏ । ଏହି ଅପଡେଟ୍ ଉପରେ ମନ୍ତବ୍ୟ ଦେଇ, ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍ ଝଏଆଇ+ ସ୍ମାର୍ଟଫୋନ)ର ସିଇଓ ମାଧବ ସେଠ କହିଛନ୍ତି, 'ଟେକ୍ନୋଲୋଜିର ଭବିଷ୍ୟତ ଏହା କ'ଣ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇନଥାଏ । ବରଂ ଏହା ଲୋକମାନେ ଏହାକୁ କେତେ ବିଶ୍ୱାସ କରିପାରିବେ ଏବଂ ଏହା ଆକାଂକ୍ଷାଗୁଡିକୁ କିଭଳି ସକ୍ଷମ କରିପାରିବ ତାହା ଦ୍ୱାରା ପରିଭାଷିତ ହୋଇଥାଏ । ସେହି ବିଶ୍ୱାସ ଆମର ନେକ୍ସଟକ୍ୱାଂଟମ ଓଏସ୍‌ର ନିର୍ମାଣର କେନ୍ଦ୍ରବିନ୍ଦୁ ଅଟେ । ଭି୧.୧ ସହିତ, ନେକ୍ସଟକ୍ୱାଂଟମ ଓଏସ, ନେକ୍ସଟପ୍ରାଇଭେସି ଡ୍ୟାଶବୋର୍ଡ ମାଧ୍ୟମରେ ଏକ ଅଧିକ ଶୃଙ୍ଖଳିତ ଗୋପନୀୟତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏକକ ଇଂଟରଫେସରେ ଆପ୍ଲିକେଶନ ଅନୁମତିଗୁଡିକୁ ଏକତ୍ରିତ କରିଥାଏ । ଉପଭୋକ୍ତାମାନେ ଅନୁମତିଗୁଡିକୁ ଅଧିକ ସହଜରେ ସମୀକ୍ଷା, ପରିବର୍ତ୍ତନ ଓ ପ୍ରତ୍ୟାହାର କରିପାରିବେ ଯାହା ଆପ୍ଲିକେସନଗୁଡିକ ଡିଭାଇସ୍ ସଂଶାଧନ ଓ ବ୍ୟକ୍ତିଗତ ଡାଟା ସହିତ କିପରି ଯୋଗାଯୋଗ କରନ୍ତି ତାହା ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କରିଥାଏ । ଉନ୍ନତ ପୃଷ୍ଠଭୂମି କାର୍ଯ୍ୟ ଦୃଶ୍ୟମାନତା ଉପଭୋକ୍ତାଙ୍କୁ ସକ୍ରିୟ ବ୍ୟବହାର ବାହାରେ ପରିଚାଳନା ସମୟରେ ଆପ୍ଲିକେସନଗୁଡିକ ସମ୍ବେଦନଶୀଳ ଡିଭାଇସ୍ ସଂଶାଧନକୁ ଆକ୍‌ସେସ କରିବା ସମୟରେ ତାହାକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥାଏ । ଗୋପନୀୟତା ସତର୍କତା (ପ୍ରାଇଭେସି ଆଲର୍ଟ), ଅନୁମତିଗୁଡିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଯାହା ଅତ୍ୟଧିକ, ଅନାବଶ୍ୟକ କିମ୍ବା ଆଉ ଆବଶ୍ୟକ ନଥାଏ, ଯାହା ଉପଭୋକ୍ତାଙ୍କୁ ସେମାନଙ୍କର ଗୋପନୀୟତା ସମ୍ପର୍କରେ ଅଧିକ ସୂଚିତ ନିଷ୍ପତି ନେବା ପାଇଁ ସକ୍ଷମ କରିଥାଏ ।




# ଜାୱା, ୟେଜଦି ଏବଂ ବିଏସଏ ମୋଟରସାଇକେଲ୍ସ ଇଣ୍ଡିଆନ୍ ସୁପର ଗେମିଂ ଲିଗ୍ ୨୦୨୬ ରେ ଅଂଶଗ୍ରହଣ

**ଭୁବନେଶ୍ୱର, ୬।୯ (ନି.ପ୍ର):** କ୍ଲାସିକ୍ ଲିଜେଣ୍ଡସ୍ ପକ୍ଷରୁ ଇଣ୍ଡିଆନ୍ ସୁପର ଗେମିଂ ଲିଗ୍ (ଆଇଏସଜିଏଲ୍) ୨୦୨୬ ରେ ଏହାର ଅଂଶଗ୍ରହଣ ଘୋଷଣା କରିଛି, ଯାହା ଜାୱା, ୟେଜଦି ଏବଂ ବିଏସଏ ମୋଟରସାଇକେଲକୁ ଏକ ପ୍ଲାଟଫର୍ମରେ ଆଣିଛି । ଜାତୀୟ ଫୁଟପ୍ରିଂଟକୁ ବ୍ୟାପକ କରିବା ପୂର୍ବରୁ ଏହି କାର୍ଯ୍ୟ ଆଇଏସଜିଏଲ୍ କ୍ୟାଲେଣ୍ଡରରେ ଥିବା ସହରଗୁଡ଼ିକ ମଧ୍ୟରୁ ଗୋଟିଏ ଚେନ୍ନାଇରେ ଆରମ୍ଭ ହୋଇଛି । ଲିଗ୍ ମାଧ୍ୟମରେ, ଜାୱା, ୟେଜଦି ଏବଂ ବିଏସଏ ମୋଟରସାଇକେଲଗୁଡ଼ିକୁ ଆଇଏସଜିଏଲ୍ ସ୍ଥାନ ଏବଂ ଅଭିଜ୍ଞତା ଜୋନରେ ପ୍ରଦର୍ଶିତ କରାଯିବ, ଯାହା ଦର୍ଶକମାନଙ୍କୁ ମୋଟରସାଇକେଲିଂ ଜଗତ ବାହାରେ ବ୍ରାଣ୍ଡଗୁଡ଼ିକ ସହିତ ଜଡିତ ହେବାର ସୁଯୋଗ ସୃଷ୍ଟି କରିବ ।

କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅନୁପମ ଥରେଜା କହିଛନ୍ତି, 'ଯଦିଓ ମୋଟରସାଇକେଲିଂ ଏବଂ ଗେମିଂ ଅଲଗା ଦୁନିଆ ପରି ମନେହୁଏ, କିନ୍ତୁ ସେମାନେ ସମାନ ମୌଳିକ ଭାବରେ ଗୋଟିଏ ହୋଇ ରହିଛନ୍ତି: ଯେଉଁଥିରେ ରହିଛି ଦକ୍ଷତା, ଆତ୍ମ-ପ୍ରକାଶନ ଏବଂ ସମ୍ପ୍ରଦାୟର ଏକ ଦୃଢ଼ ଭାବନା । ଜାୱା, ୟେଜଦି ଏବଂ ବିଏସଏ ସର୍ବଦା ସମାନ ଅଭିଜ୍ଞତା ଏବଂ ଏକ ସ୍ୱତନ୍ତ୍ର ପରିଚୟ ଦ୍ୱାରା ଏକୀକୃତ ଉତ୍ସାହୀଙ୍କ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହୋଇଆସିଛି । ଆଇଏସଜିଏଲ୍ ମାଧ୍ୟମରେ, ଆମେ ଏକ ନୂତନ ପିଢ଼ି ସହିତ ସଂଯୋଗ ସ୍ଥାପନ କରିବାକୁ ଲକ୍ଷ୍ୟ ରଖୁଛୁ ଯାହା ସତ୍ୟତା, କର୍ତ୍ତୃତ୍ୱ ଏବଂ ସମ୍ପୃକ୍ତିର ଭାବନା ଭଳି ମୂଲ୍ୟବୋଧକୁ ବଜାୟ ରଖି ଆରୋହଣ, ଗେମିଂ ଏବଂ କ୍ରିଏଟର ସମ୍ପ୍ରଦାୟ ମଧ୍ୟରେ ନିର୍ବିଘ୍ନରେ ନାଭିଗେଟ୍ କରେ ।'

ଏହି ସହଭାଗୀତା ସାଂସ୍କୃତିକ କ୍ଷେତ୍ରରେ ଲୋକଙ୍କ ସହିତ ଜଡିତ ହେବା ପାଇଁ କ୍ଲାସିକ୍ ଲିଜେଣ୍ଡସ୍‌ର ଏକ ବ୍ୟାପକ ପଦକ୍ଷେପର ଅଂଶ ଯେଉଁଠାରେ ସମ୍ପ୍ରଦାୟଗୁଡ଼ିକ ସମାନ ଆଗ୍ରହ ଉପରେ ବନ୍ଧନ ସୃଷ୍ଟି କରନ୍ତି । ଆଇଏସଜିଏଲ୍ ଭଳି ସହଯୋଗ ମାଧ୍ୟମରେ, କ୍ଲାସିକ୍ ଲିଜେଣ୍ଡ୍ସ ଏହାର ବ୍ରାଣ୍ଡଗୁଡ଼ିକର ପହଞ୍ଚକୁ ଉଦୀୟମାନ ଉପ-ସଂସ୍କୃତି ସମ୍ପ୍ରଦାୟ ପର୍ଯ୍ୟନ୍ତ ବିସ୍ତାର କରୁଛି ଯେଉଁଠାରେ ଆବେଗ, ଆତ୍ମ-ପ୍ରକାଶନର ସ୍ୱାଧୀନତା ଏବଂ ସମ୍ପ୍ରଦାୟର ଭାବନା ଏକତ୍ରିତ ହୁଏ । ଲେଟ୍ସ ଗେମ୍ ନାଓ ଦ୍ୱାରା ଆରମ୍ଭ ହୋଇଥିବା, ଆଇଏସଜିଏଲ୍ ହେଉଛି ଭାରତର ପ୍ରଥମ ଫ୍ରାଂଚାଇଜ୍-ଆଧାରିତ ଜାତୀୟ ଇସ୍ପୋର୍ଟସ୍ ଲିଗ୍ । କ୍ଲାସିକ୍ ଲିଜେଣ୍ଡ୍ସ ପାଇଁ, ଏହି ପ୍ଲାଟଫର୍ମ ଦୁଇଟି ସମୃଦ୍ଧ ଯୁବ ଉପ-ସଂସ୍କୃତି ମଧ୍ୟରେ ଏକ ପ୍ରାକୃତିକ ସାକ୍ଷାତ ବିନ୍ଦୁ ସୃଷ୍ଟି କରେ । ରାଇଡିଂ ଏବଂ ଗେମିଂ ପୃଷ୍ଠରେ ଭିନ୍ନ ଦେଖାଯାଇପାରେ କିନ୍ତୁ ଏହା ଉଭୟ ଦକ୍ଷତା, ଆତ୍ମ-ପ୍ରକାଶନ, ପାରଦର୍ଶିତା ଏବଂ ସେମାନଙ୍କ ଚାରିପାଖରେ ଗଠିତ ସମ୍ପ୍ରଦାୟ ଉପରେ ନିର୍ମିତ ।





# ଜେକେପୁର ଦୁର୍ଗାପୂଜା ପାଇଁ ଭୂମି ପୂଜନ

**ଜେକେପୁର, ୬।୯ (ନି.ପ୍ର)** : ରାୟଗଡା ଜିଲ୍ଲାର ପ୍ରସିଦ୍ଧ ଜେକେପୁର ଦୁର୍ଗାପୂଜା ଉତ୍ସବ ପାଇଁ ଆଜି ଅପରାହ୍ଣରେ ବୈଦିକ ରୀତିନୀତି ଓ ପାରମ୍ପରିକ ବିଧିବିଧାନ ଅନୁଯାୟୀ ପବିତ୍ର ଭୂମି ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ବେଦମନ୍ତ୍ର ଉଚ୍ଚାରଣ ଓ ପୂଜାର୍ଚ୍ଚନା ମଧ୍ୟରେ ଭୂମି ପୂଜନ କରାଯାଇଥିବା ବେଳେ ଏହା ସହିତ ଚଳିତ ବର୍ଷର ଦୁର୍ଗାପୂଜା ପ୍ରସ୍ତୁତି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ବିନୟ ଦ୍ୱିବେଦୀ ପୌରହିତ୍ୟ କରିଥିଲେ। ମା' ଦୁର୍ଗାଙ୍କ ଆଶୀର୍ବାଦ କାମନା କରାଯିବା ସହିତ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜେକେ ପେପର ମିଲ୍ସର ଉପସଭାପତି (ବାଣିଜ୍ୟ) ବିଶ୍ୱଜିତ ଦ୍ୱିବେଦୀ, ଜେନେରାଲ ମ୍ୟାନେଜର (ଏଚ୍ଆର୍ ଓ ଆଇଆର୍) ସନ୍ଦୀପ ପାଣ୍ଡେ, ଚାନ୍ଦିଲି ଥାନାର ଆଇଆଇସି ଉତ୍ତମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜେକେ ପେପର ମିଲ୍ସ ସହ ସଂପୃକ୍ତ ତିନୋଟି ୟୁନିଅନର ସଭାପତି, ସମ୍ପାଦକ ଓ ସଦସ୍ୟମାନେ, ଲୋକସମ୍ପର୍କ ଅଧିକାରୀ ସ୍ମୃତିରେଖା କରଙ୍କ ସମେତ ପେପର ମିଲ୍ସର ବହୁ ବରିଷ୍ଠ ଅଧିକାରୀ, ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଜେକେପୁର ଦୁର୍ଗାପୂଜା ଦୀର୍ଘଦିନ ଧରି ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ। ପ୍ରତିବର୍ଷ ଏହି ପୂଜା ଅବସରରେ ଜେକେପୁର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଦୁର୍ଗାପୂଜାକୁ କେନ୍ଦ୍ର କରି ଧାର୍ମିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଆୟୋଜନ ମଧ୍ୟ ହୋଇଥାଏ। ଭୂମି ପୂଜନ ସମ୍ପନ୍ନ ହେବା ପରେ ଆୟୋଜକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଚଳିତ ବର୍ଷର ଦୁର୍ଗାପୂଜାକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ଆଗାମୀ ଦିନରେ ପୂଜା ମଣ୍ଡପ, ସାଜସଜ୍ଜା, ଆଲୋକସଜ୍ଜା ଓ ଅନ୍ୟାନ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଜୋରଦାର ହେବ ବୋଲି ଆଶା କରାଯାଉଛି। ଭକ୍ତି, ଶ୍ରଦ୍ଧା ଓ ଭାଇଚାରାର ପରିବେଶରେ ଚଳିତ ବର୍ଷର ଦୁର୍ଗାପୂଜା ମହୋତ୍ସବ ସଫଳତାର ସହ ସମ୍ପନ୍ନ ହେବ ବୋଲି ଆୟୋଜକ ମାନେ ଆଶାବାଦୀ ଅଛନ୍ତି।



## ଗୁରୁ ସମ୍ମାନ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

# ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ କ୍ୟାରିୟର ଉଦୟ ଯଥେଷ୍ଟ ସହାୟକ ହେବ : ଶିଳ୍ପମନ୍ତ୍ରୀ

**ପାରାଦୀପ,୬/୯ (ନି.ପ୍ର):** ପବିତ୍ର ଗୁରୁ ଦିବସ ଅବସରରେ ଜୟଦେବ ସଦନରେ ଗୁରୁ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପର ବିଧାୟକ ତଥା ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଗୁରୁ ଦିବସ ହେଉଛି ଭାରତୀୟ ସଂସ୍କୃତିର ଏକ ପରମ୍ପରା । ଗୁରୁ ହେଉଛି ଦୁଇଟି ଶବ୍ଦ ଯୋଡ ଶବ୍ଦ ଭିତରେ ଲୁଚି ରହିଛି ଅନେକ ପ୍ରତିଭା । ଗୁ ହେଉଛି ଅନ୍ଧାର ଆଉ ରୁ ହେଉଛି ଆଲୋକ । ଯିଏ ଅନ୍ଧାରରୁ ଆଲୋକ ବାଟ ଦେଖାଇ ଜଣେ ମଣିଷକୁ ଭଲ ନାଗରିକ ଭାବେ ଗଢି ତୋଳିବାରେ ଗୁରୁ ଯେତିକି ଭୂମିକା ଗ୍ରହଣ କରିଥାନ୍ତି, ଦେଶ୍ୱ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ଗୁରୁଙ୍କ ଭୂମିକା ବେସ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ଖାଲି ଏତିକି ନୁହଁ ଜଣେ ଶିକ୍ଷକ ଙ୍କ ପ୍ରେରଣା ଛାତ୍ରର ସମ୍ପୂର୍ଣ୍ଣ ଜୀବନକୁ ବଦଳାଇ ଦେଇଥାଏ । ଆଜିର ଟେକ୍ନୋଲୋଜି ଯୁଗରେ ଟେକ୍ନୋଲୋଜି ଆମକୁ ସୂଚନା ପ୍ରଦାନ କରୁଥିଲା ବେଳେ ଶିକ୍ଷକ ଆମକୁ ବିବେକ ଦେଇଥାନ୍ତି ବୋଲି କହିବା ସହ ଆମ ଚରିତ୍ର ଗଠନ ଦିଗରେ ଗୁରୁଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ । ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ ବରଂ ଏକ ସାଧନା । ଏଇ ମାଟିରୁ ପଣ୍ଡିତ ଜଗନ୍ନାଥ ରଥ ଙ୍କ ଅବଦାନ କୁ କେବେବି ଭୁଲି ହେବନି , ଅନେକ ପରିବାରକୁ ଅନ୍ଧାର ଭିତରୁ ଆଲୋକ ର ମାର୍ଗ ଦେଖାଇ ରଚିଛନ୍ତି ସ୍ୱତନ୍ତ୍ର ପରିଚୟ । ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ରେ ଥିବା ସ୍କୁଲ ମାନଙ୍କରେ ଦଶମ ଶ୍ରେଣୀ ରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ ଦିଗରେ ଶ୍ରୀ ସ୍ୱାଇଁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରି ଚାଲୁ ଥିବାବେଳେ କ୍ୟାରିୟର କାଉନସିଲିଂ ବେସ ସହାୟକ ହେବ ବୋଲି ଦୃଢୋକ୍ତିର ସହ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତ ଗୁରୁ ମାନଙ୍କର ପାଦ ଧୋଇ ପ୍ରଣିପାତ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଏବଂ ବ୍ରିଜ ଭାରତ ଫାଉଣ୍ଡେସନର ସହାୟତାରେ ପାରାଦ୍ୱୀପ କ୍ୟାରିୟର ଉଦୟର ଶୁଭାରମ୍ଭ କରିବା ସହିତ କ୍ୟାରିୟର ଡାଏରୀ ପୁସ୍ତକ ଉନ୍ମୋଚନ କରିଥିଲେ। ପାରାଦ୍ୱୀପ-କୁଜଙ୍ଗ ଅଞ୍ଚଳ ହେଉଛି ଜ୍ଞାନ, ସଂସ୍କୃତି ଓ ସାଧନାର ପବିତ୍ର ଭୂମି। ଆଜିର ଏକବିଂଶ ଶତାବ୍ଦୀର ଆଧୁନିକ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଡିଜିଟାଲ୍ କ୍ଲାସ୍ ରୁମ୍, ସ୍ମାର୍ଟ ବୋର୍ଡ, ଏବଂ ଇଣ୍ଟରନେଟ୍ ଯୋଗୁଁ ତଥ୍ୟ ବା ସୂଚନା ପାଇବା ଆଜି ଅତ୍ୟନ୍ତ ସହଜ ହୋଇପାରିଛି। କିନ୍ତୁ ଆମକୁ ମନେରଖିବାକୁ ହେବ ପ୍ରଯୁକ୍ତିବିଦ୍ୟା ସୂଚନା ଦେଇପାରେ, କିନ୍ତୁ ବିବେକ, ନୈତିକତା ଏବଂ ମାନବୀୟ ମୂଲ୍ୟବୋଧ କେବଳ ଜଣେ ଗୁରୁ ହିଁ ପ୍ରଦାନ କରିପାରିବେ। ଯେତେବେଳେ ଦେଶ ବିକାଶ ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି, ସେତେବେଳେ ଜାତୀୟ ଶିକ୍ଷା ନୀତି ଏବଂ ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପଛରେ ଶିକ୍ଷକମାନଙ୍କର ଅକ୍ଳାନ୍ତ ପରିଶ୍ରମ ରହିଛି। ଶ୍ରେଣୀଗୃହରୁ ହିଁ ଭବିଷ୍ୟତର ବୈଜ୍ଞାନିକ, ନେତା, ଉଦ୍ୟୋଗୀ, ଇଞ୍ଜିନିୟର, ଡାକ୍ତର, ପ୍ରଶାସନିକ ଅଧିକାରୀ ଏବଂ ଦେଶପ୍ରେମୀ ନାଗରିକ ସୃଷ୍ଟି ହୋଇଥାନ୍ତି। ଶିକ୍ଷକମାନେ ହେଉଛନ୍ତି ସେହି ବିଶ୍ୱକର୍ମା, ଯିଏ ନିଶବ୍ଦରେ ଦେଶ ଓ ଜାତିର ଭବିଷ୍ୟତ ନିର୍ମାଣ କରନ୍ତି। ତେଣୁ, ଶିକ୍ଷକମାନଙ୍କୁ ସମୃଦ୍ଧ ଓଡ଼ିଶା ବା ବିକଶିତ ଭାରତର ପ୍ରମୁଖ ବିନ୍ଧାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ପାରାଦ୍ୱୀପ କ୍ୟାରିୟର ଉଦୟର ଶୁଭାରମ୍ଭ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ, ସ୍ୱପ୍ନ, ଆକାଂକ୍ଷା ଏବଂ ସାମ୍ନାରେ ଥିବା ଅସୀମସୁଯୋଗ ବିଷୟରେ ସହାୟକ ହେବ। ଏହି କ୍ୟାରିୟର ଉଦୟ କାର୍ଯ୍ୟକ୍ରମ କୁଜଙ୍ଗ ବ୍ଲକ୍ ଏବଂ ପାରାଦ୍ୱୀପ ପୌର ପାଳିକାର ର ମୋଟ ୪୧ଟି ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମ ଆଗାମୀ ଏକ ବର୍ଷ ଧରି ୩,୩୭୫ ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ କାର୍ଯ୍ୟ କରିବ। ଏହି ସମୟ ମଧ୍ୟରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ୟାରିୟର ବିକଳ୍ପ ବିଷୟରେ ଜାଣିବା, ନିଜର ଆଗ୍ରହ ଓ ଦକ୍ଷତାକୁ ବୁଝିବା, ସାଇକୋମେଟ୍ରିକ୍ ଆସେସମେଣ୍ଟ ମାଧ୍ୟମରେ ନିଜର କ୍ୟାରିୟର ରୁ ଚିହ୍ନଟ କରିବା, ଶିକ୍ଷା ଓ ନିଯୁକ୍ତିର ବିଭିନ୍ନ ପଥ ବିଷୟରେ ଜାଣିବା ଏବଂ ଦଶମ ଶ୍ରେଣୀ ପରେ ସେମାନେ ନେବାକୁ ଥିବା ନିଷ୍ପତ୍ତି ବିଷୟରେ ଗମ୍ଭୀରତାର ସହିତ ଚିନ୍ତା କରିବାର ସୁଯୋଗ ପାଇବେ। ଏହାର ଲକ୍ଷ୍ୟ କେବଳ ଛାତ୍ରଛାତ୍ରୀମାନଙ୍କୁ କ୍ୟାରିୟର ବିଷୟରେ ସୂଚନା ଦେବା ନୁହେଁ ବରଂ ପ୍ରତ୍ୟେକ ଛାତ୍ର ନିଜର ଦକ୍ଷତା, ଆଗ୍ରହ ଓ ସମ୍ଭାବନାକୁ ବୁଝି ଦଶମ ଶ୍ରେଣୀ ପରେ ନିଜ ଭବିଷ୍ୟତ ପାଇଁ ଏକ ସଚେତନ ଓ ଆତ୍ମବିଶ୍ୱାସୀ ନିଷ୍ପତ୍ତି ନେଇପାରିବେ ଏହା ହିଁ ପ୍ରକୃତ ଉଦ୍ଦେଶ୍ୟ। ଆଗାମୀ ମାସଗୁଡ଼ିକରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ୟାରିୟର୍ ବିଷୟରେ ଜାଣିବା, ନିଜର ଆଗ୍ରହ ଓ ଦକ୍ଷତାକୁ ବୁଝିବା, ଶିକ୍ଷା ଓ ନିଯୁକ୍ତିର ବିଭିନ୍ନ ପଥ ବିଷୟରେ ଜାଣିବା ଏବଂ ଦଶମ ଶ୍ରେଣୀ ପରେ ସେମାନେ ନେବାକୁ ଥିବା ନିଷ୍ପତ୍ତି ବିଷୟରେ ଗମ୍ଭୀରତାର ସହିତ ଚିନ୍ତା କରିବାର ସୁଯୋଗ ପାଇବେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଅବଦାନ ରଖୁଥିବା ଏକ ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ବିଷୟରେ କହିଛନ୍ତି। ଏହି ଦୃଷ୍ଟିକୋଣ କେବଳ ଭିତ୍ତିଭୂମି ଓ ନିବେଶ ମାଧ୍ୟମରେ ସାକାର ହେବ ନାହିଁ, ଶେଷ ପର୍ଯ୍ୟନ୍ତ ଏହା ଆମର ଯୁବପିଢ଼ିଙ୍କ ମାଧ୍ୟମରେ ହିଁ ବାସ୍ତବ ରୂପ ନେବ। ଓଡ଼ିଶା ଯେତେ ଆଗକୁ ବଢ଼ିବ ପିଲାମାନଙ୍କୁ ମଧ୍ୟ ସେହି ବିକାଶରେ ଅଂଶୀଦାର ହେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ସେମାନଙ୍କ ପାଖରେ ଏହି ସୁଯୋଗଗୁଡ଼ିକର ଲାଭ ଉଠାଇବା ପାଇଁ ଜ୍ଞାନ, ଦକ୍ଷତା ଏବଂ ଆତ୍ମବିଶ୍ୱାସ ରହିବା ଆବଶ୍ୟକ। ପାରାଦ୍ୱୀପ ଓ କୁଜଙ୍ଗରେ ହେଉଥିବା ବିକାଶ ଆସନ୍ତା ପିଢ଼ି ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରୁଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ଅଭିଭାଷଣରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ଜ୍ଞାନର ଭଣ୍ଡାର ଆଖ୍ୟା ପ୍ରଦାନ କରିବା ସହିତ ଜିଲ୍ଲାରେ ଶିକ୍ଷା ବ୍ୟାବସ୍ଥାକୁ ସୁଦୃଢ଼ କରିବା, ଶିକ୍ଷା ହିଁ ଛାତ୍ର ଛାତ୍ରୀମାନଙ୍କୁ ଭବିଷ୍ୟତ ଗଢିବାରେ ସହାୟକ ହେବ, ଛାତ୍ର ଛାତ୍ରୀମାନଙ୍କୁ ସବୁବେଳେ ବଡ଼ ସ୍ୱପ୍ନ ଦେଖିବା ସହିତ ତାକୁ ପୂରଣ କରିବା ଦିଗରେ ଲକ୍ଷ୍ୟ ନେଇ ଆଗକୁ ବଢିବା ନିମନ୍ତେ ଆହ୍ୱାନ ଦେଲେ। ସମସ୍ତେ ମିଶି କୁଜଙ୍ଗ ଓ ପାରାଦୀପକୁ ଏକ ମଡେଲ୍ ଅଞ୍ଚଳରେ ପରିଣତ କରିବା, ଯେଉଁଠାରେ ଶିକ୍ଷା, ଶିଳ୍ପ ଏବଂ ସୁଯୋଗ ଏକାଠି ହୋଇ ଆମ ପିଲାମାନଙ୍କ ଭବିଷ୍ୟତକୁ ଆହୁରି ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିନି ଶହ ରୁ ଉର୍ଦ୍ଧ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ସମାଜସେବୀ, ମହିଳା, ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ମନୋଜ ବେହେରା, ବ୍ରିଜ ଭାରତ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଖିଳ ସରଫ, ସଦସ୍ୟ କ୍ଷିତୀଶ ପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ, ପାରିଷଦ ତଥା ବିଜେପି ନଗର ସଭାପତି ସୁବ୍ରତ କୁମାର ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ବରିଷ୍ଠ ନେତୃମଣ୍ଡଳୀ ମାନେ ପ୍ରମୁଖ ଉପସ୍ଥିତ ରହି ପିଲା ମାନଙ୍କ ଭବିଷ୍ୟତ ଗଠନ ଦିଗରେ ମନ୍ତ୍ରୀଙ୍କ ପ୍ରୟାସ କୁ ଭୁୟସୀ ପ୍ରଶଂସା କରିଥିଲେ ଏବଂ ଅବସର ପ୍ରାପ୍ତ ଶିକ୍ଷକଙ୍କ ପେନସନ ବ୍ୟବସ୍ଥା ପ୍ରତି ସରକାର ଦୃଷ୍ଟି ଦେବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




# ଜିଲ୍ଲା ସ୍ତରୀୟ ଗୁରୁ ଦିବସରେ ଶିକ୍ଷକଙ୍କୁ ପଦୋନ୍ନତି ଭେଟି

**ରାୟଗଡ, ୬।୯ (ନି.ପ୍ର):** ରାୟଗଡ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଏହି ପବିତ୍ର ଦିବସରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ: ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରଚଳିତ ଶିକ୍ଷା ପଦ୍ଧତି ଓ ଗୁରୁଙ୍କ ଭୂମିକା ବିଷୟରେ ବାର୍ତ୍ତା ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି, ଅତିରିକ୍ତ ମଙ୍ଗଳ ଅଧିକାରୀ ମଳୟ ନାରାୟଣ ଚିନ୍ନରା, ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ , ଏବିଇଓ ଓ ତାଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାର ମୋଟ ତିରିଶି ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ନିଲାଞ୍ଚଳ ମିଶ୍ର ଏହାର ସଂଯୋଜନା କରିଥିଲେ । ପରବର୍ତ୍ତୀ ସମୟରେ ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅନୁମତି କ୍ରମେ ମୋଟ ତିନି ଶହ ଅଣାଅଶି ଜଣ ଶିକ୍ଷକଙ୍କୁ ମୁକ୍ତ କାଉନସିଲ ମାଧ୍ୟମରେ ପଦୋନ୍ନତି ପ୍ରଦାନ କରିଛନ୍ତି। ଶିକ୍ଷକ ଦେଶଗଠନର ମେରୁଦଣ୍ଡ । ନିଜ ଇଚ୍ଛାରେ ଚୟନ କରିଥିବା ଅନୁଷ୍ଠାନ ଓ ଶିକ୍ଷାର ଅଗ୍ରଗତି ନିମନ୍ତେ ଚେଷ୍ଟିତ ହେବାପାଇଁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ମାଝୀ କହିଛନ୍ତି । ପ୍ରକାଶ ଥାଉକି ଜିଲ୍ଲାରେ ମୋଟ ୫୩୨ ଗୋଟି ଲେବୁଲ III ପ୍ରଧାନ ଶିକ୍ଷକ ମଧ୍ୟରୁ ଓ ଟି ଇ ଟି ପାସ କରିଥିବା କେବଳ ୩୭୪ ଉଚ୍ଚ ପ୍ରାଥମିକ ଓ ପାଞ୍ଚ ଗୋଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ନିମନ୍ତେ କାଉନସେଲିଂ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ ଶିକ୍ଷକଙ୍କୁ ଯଥାଶୀଘ୍ର ଓ ଟି ଇ ଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଉଚ୍ଚ ପାହ୍ୟାକୁ ପଦୋନ୍ନତି ନେବାପାଇଁ ଜିଲ୍ଲା ଶିକ୍ଷାଧିକାରୀ ଉପଦେଶ ଦେଇଛନ୍ତି । ଆସନ୍ତା ରବିବାର ଦିନ ଖାଲି ଥିବା ପ୍ରାଥମିକ ପ୍ରଧାନ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୈଷୟିକ ଶିକ୍ଷକ ପଦବୀ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଛି । ଗୁରୁ ଦିବସରେ ରାୟଗଡ ଜିଲ୍ଲାରେ ଗୁରୁଙ୍କୁ ପଦୋନ୍ନତି ଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ବୃଦ୍ଧି କରିଥିବାରୁ ପ୍ରାଥମିକ ଜିଲ୍ଲା ଶିକ୍ଷକ ସଂଘ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭଜନଲାଲ ମାଝୀ ଏବଂ ସମସ୍ତ ବିଇଓ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ଭୂୟସୀ ପ୍ରଶଂସା କରିଛନ୍ତି ।




# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ

**କଟକ, ୬।୯ (ନି.ପ୍ର);**ନୂଆପଡା, ବାଲିସାହିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ' ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ' ମହାସମାରୋହରେ ପାଳନ କରାଯାଇଛି ।ଉକ୍ତ ଉତ୍ସବରେ ଅତିଥି ରୁପେ ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ଶ୍ରୀ ଯୁକ୍ତ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଶ୍ରୀ ଯୁକ୍ତ ପ୍ରଶାନ୍ତ କୁମାର ମହାପାତ୍ର, ଶ୍ରୀ ଯୁକ୍ତ ରମେଶ ଚନ୍ଦ୍ର ଚେମାଇ ଯୋଗଦେଇଥିଲେ। ସମ୍ପାଦକ ଶ୍ରୀ ଅଜୟ କୁମାର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କୋଷାଧ୍ୟକ୍ଷ ଶ୍ରୀମତୀ ପ୍ରଭାତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ଗୁରୁମା ଝରଣା ଓଝା, ଶୁଭଶ୍ରୀ ରାଉତ, ପୂଜାରାଣୀ ଦାସ ଓ ରୋଜାଲିନ୍ ସାହାଣୀ ପରିଚାଳନା କରିଥିଲେ ।

## ୩୦ ବର୍ଷରେ ରୁଚି ପ୍ରତିଭା ସମ୍ମାନ ସମାରୋହ

# ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ପଦ୍ମଶ୍ରୀ ସାବରମତୀ, ଦିଲ୍ଲୀପ ରାୟ ଓ ଇଣ୍ଡିଆନ୍ ଆଇଡଲ୍ ବିଜୟିନୀ ଜ୍ୟୋତିର୍ମୟୀ ପାଇବେ ସମ୍ମାନ

**କଟକ,୬।୯ (ନି.ପ୍ର)** : ସୁଦୀର୍ଘ ତିନି ଦଶନ୍ଧି ଧରି ରାଜ୍ୟ ଓ ଦେଶର କୃତୀ ପ୍ରତିଭାମାନଙ୍କୁ ଗୋଟିଏ ମଞ୍ଚରେ ସମ୍ମାନିତ କରି ପ୍ରତିଭାପୂଜନ କ୍ଷେତ୍ରରେ ଏକ ନିଆରା ପରମ୍ପରା ସୃଷ୍ଟି କରିଥିବା ରୁଚି ପ୍ରତିଭା ଫାଉଣ୍ଡେସନ୍ ପକ୍ଷରୁ ଚଳିତବର୍ଷ ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ ଆୟୋଜିତ ହେବ। ସାନ୍ତାଳୀ ଭାଷାର ବିଶିଷ୍ଟ ଲେଖକ ତଥା ଆଦିବାସୀ ସଂସ୍କୃତିର ବର୍ଷୀୟାନ ଗବେଷକ ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଚଳିତବର୍ଷ ସମ୍ମାନଜନକ 'ରୁଚି ଦେଶ ଗୌରବ ସମ୍ମାନ' ପ୍ରଦାନ କରାଯିବ। ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁଙ୍କ ସ୍ମୃତିରେ ପ୍ରବର୍ତ୍ତିତ ପ୍ରଥମ 'ଡ. ଶରତ କୁମାର ସାହୁ ସ୍ମାରକୀ ସମ୍ମାନ' ବିଶିଷ୍ଟ ଉଦ୍ୟୋଗପତି ତଥା ସାଂସଦ ଦିଲ୍ଲୀପ ରାୟଙ୍କୁ ପ୍ରଦାନ କରାଯିବ। ସଙ୍ଗୀତ ଗାୟନ କ୍ଷେତ୍ରରେ ଦେଶର ସୁପରିଚିତ ଗାୟିକା ତଥା ଚଳିତବର୍ଷର ଇଣ୍ଡିଆନ୍ ଆଇଡଲ୍ ବିଜୟିନୀ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କୁ 'ରୁଚି ଦେଶ ଜ୍ୟୋତି ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶାରେ ଜୈବିକ କୃଷିର ବିକାଶ ଓ ପରିବେଶ ସୁରକ୍ଷା ପାଇଁ ସମର୍ପିତ ଜନସେବୀ ପଦ୍ମଶ୍ରୀ ସାବରମତୀଙ୍କୁ 'ରୁଚି ସେବା ଜ୍ୟୋତି ସମ୍ମାନ' ପ୍ରଦାନ କରାଯିବ। ସେହିପରି ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଭାରତୀୟ ମହିଳା ହକି ଦଳର ପୂର୍ବତନ ଉପଅଧିନାୟିକା ଓ ଅଲିମ୍ପିଆନ୍ ଦୀପ୍ ଗ୍ରେସ୍ ଏକ୍କାଙ୍କୁ 'ରୁଚି ବାରବାଟୀ କ୍ରୀଡ଼ା ସମ୍ମାନ' ପ୍ରଦାନ କରାଯିବ। ଚଳିତବର୍ଷ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶା ଟପର୍ ହୋଇଥିବା ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ 'ରୁଚି ବିଦ୍ୟାସାଗର ସମ୍ମାନ' ଏବଂ ରାଜ୍ୟର ମାଟ୍ରିକ୍ ଟପର୍ ଦୁଇ କୃତୀ ବିଦ୍ୟାର୍ଥୀ ଆଶୁତୋଷ ନାୟକ ଓ ପାର୍ଥସାରଥୀ ମହାନ୍ତଙ୍କୁ 'ରୁଚି ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯିବ। ଏହି ସମାରୋହରେ ଭାରତୀୟ ସେନାବାହିନୀର ପୂର୍ବତନ ସହ-ସେନାଧକ୍ଷ ତଥା ନୂଆଦିଲ୍ଲୀସ୍ଥିତ ସଶସ୍ତ୍ରବାହିନୀ ନ୍ୟାୟାଧିକରଣର ପ୍ରଶାସନିକ ସଦସ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ଚଣ୍ଡୀପ୍ରସାଦ ମହାନ୍ତି ଉଦ୍ ?ଘାଟକ ଭାବେ ଯୋଗଦେବେ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟଅତିଥି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ। ରାଜ୍ୟର ଖ୍ୟାତନାମା ଶିଳ୍ପୋଦ୍ୟୋଗ 'ରୁଚି ଫୁଡ୍ ?ଲାଇନ୍' ଦ୍ୱାରା ସଂସ୍ଥାପିତ ରୁଚି ପ୍ରତିଭା ଫାଉଣ୍ଡେସନ୍ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ସନ୍ଧ୍ୟା ୫ଟାରେ କଟକର ଶହୀଦ ଭବନଠାରେ ଏହି ୩୦ତମ ରୁଚି ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହେବ। ଏନେଇ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି। ରୁଚି ପ୍ରତିଭା ଫାଉଣ୍ଡେସନ୍ ?ର ସଭାପତି ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ କହିଥିଲେ ଯେ, ରାଜ୍ୟର ଶିଳ୍ପପ୍ରଗତି ଓ ବିକାଶ ପାଇଁ ରୁଚି ଉଦ୍ୟୋଗ ଦୀର୍ଘ ୫୧ ବର୍ଷ ଧରି କାର୍ଯ୍ୟ କରିଆସୁଛି। ପ୍ରତିଭା ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀ, ଯୁବପ୍ରତିଭା ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରିଆସୁଛି। ଚଳିତବର୍ଷ ପ୍ରତିଭା ଚୟନ କରି ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳ କ୍ଷେତ୍ରରେ ନବସୃଜନ, ଯୁବ ଉଦ୍ୟୋଗୀ, 'କିଚେନ୍ କୁଇନ୍' ଏବଂ କଳା ଓ ସଂସ୍କୃତି ବର୍ଗରେ ୪ ଜଣ ଉଦୀୟମାନ ପ୍ରତିଭାଙ୍କୁ 'ରୁଚି ଦମଦାର ଓଡ଼ିଆ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ 'ଆମରୁଚି'ର ସ୍ୱତନ୍ତ୍ର ପ୍ରତିଭା ବିଶେଷାଙ୍କ ମଧ୍ୟ ଉନ୍ମୋଚିତ ହେବ। ସମାରୋହରେ ବିଶିଷ୍ଟ ପ୍ରତିଭାମାନଙ୍କୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ପ୍ରଦାନ କରାଯିବ। ଏଥିସହ କୃତୀ ବିଦ୍ୟାର୍ଥୀମାନଙ୍କୁ ଅର୍ଥରାଶି ପୁରସ୍କାର ସହ ସମ୍ମାନିତ କରାଯିବ। ସାମ୍ବାଦିକ ସମ୍ମିଳନୀରେ 'ରୁଚି'ର ଅଧକ୍ଷା ଶ୍ରୀମତୀ ସଙ୍ଗୀତା ସାହୁ, ନିର୍ଦ୍ଦେଶିକା ସଲିନା ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରୁଚି ପ୍ରତିଭା ଫାଉଣ୍ଡେସନ୍‌ର ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ଚଳିତବର୍ଷର କୃତୀ ପ୍ରତିଭାମାନଙ୍କ ସହ ଅନୁଷ୍ଠାନର ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ରୁଚିର ମାର୍କେଟିଂ ବିଭାଗର ମୁଖ୍ୟ ଦେବଦତ୍ତ ସା, ରାଜେଶ କୁମାର ସାହୁ ଓ 'ହ୍ୱାଇଟ୍ କାନଭାସ୍'ର ମୁଖ୍ୟ ଇଲ୍ଲାସ ଚନ୍ଦ୍ର ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବିରୁଦ୍ଧରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ




**କଟକ, ୫।୯ (ନି.ପ୍ର):** ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ଦ୍ରବ୍ୟ ବିଶେଷ କରି ଚିନି ଓ ପିଆଜର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ଓ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ବିଜେପି ସରକାରର ଏ ବାବଦରେ ଅପରାଧୀ ସୁଲଭ ଉଦାସୀନତା ପ୍ରତିବାଦରେ ଆଜି ଏସୟୁସିଆଇ ( କମ୍ୟୁନିଷ୍ଟ) କଟକ୍ ଜିଲ୍ଲା କମିଟି ଆହ୍ୱାନରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲ ରେ ଇଥାନଲ ମିଶ୍ରଣ କରି ଗୋଟିଏ ଦିଗରେ ଗାଡ଼ି ଖରାପ କରାଯାଉଛି ଓ ଅନ୍ୟ ଦିଗରେ ଚିନିର ଦର ଆକାଶଛୁଆଁ ହୋଇଛି ବୋଲି ବିକ୍ଷୋଭକାରୀ ମାନେ ପ୍ରକାଶ କରିଛନ୍ତି। କଳାବଜାରୀ, ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀ ମାନେ ସରକାରୀ କଳ ଓ ସରକାରୀ ଦଳର ବାହୁ ଛାୟାରେ ସାଧାରଣ ଲୋକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତା ମନେ ପ୍ରକାଶ କରିଥିଲେ। ପାର୍ଟି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଭାଗ୍ୟରବି ଦାସ, ମାଳବିକା ସାମଲ, ଆଇନଜୀବୀ ସୁକାନ୍ତ ନାୟକ, ଦିପକ ଦାସ, ଅକ୍ଷୟ ରାଉଳ, ସ୍ୱାଧୀନି ବେହେରା, ପ୍ୟଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସଞ୍ଜୀବ ଜେନା, ବସ୍ତି ନେତା ସୁକାନ୍ତ ନାୟକ, ଭାଗିରଥୀ ଭୋଇ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ୧୧୯ କଲୋନୀ ୧୦ ନମ୍ବର ୱାର୍ଡରେ ଦୁର୍ଦ୍ଦଶା: ଖାଲଖମାରେ ରାସ୍ତା, ଖୋଲା ଡ୍ରେନ୍‌ରେ ଅଳିଆ

# ମ୍ୟାଲେରିଆ ବଢୁଥିବା ବେଳେ ଲୋକଙ୍କ ଜୀବନ ଦୁର୍ବିଷହ

**ମାଲକାନଗିରି, ୬।୯ (ନି.ପ୍ର):** ମାଲକାନଗିରି ସହରର ୧୧୯ କଲୋନୀ ଅଞ୍ଚଳର ୧୦ ନମ୍ବର ୱାର୍ଡରେ ପୌରପ୍ରଶାସନର ଅବହେଳା ଏବେ ସାଧାରଣ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡ଼ିଥିବା ବେଳେ ରାସ୍ତାରେ ଥିବା ଖାଲଖମାରେ ବର୍ଷା ଓ ପାଣି ଜମି ରହୁଛି। ଫଳରେ ଯାତାୟାତ ସହ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ଅନ୍ୟପଟେ, ପିଏଚ୍‌ଡି ପାଣି ଯୋଗାଣ ଲାଇନ୍ ?ର ପାଇପ୍ ? ଫାଟି ରାସ୍ତା ଉପରେ ପାଣି ବୋହିବା ଏଠାରେ ନୂଆ ସମସ୍ୟା ସୃଷ୍ଟି କରିଛି। ପାଣି ରାସ୍ତାରେ ଜମି ରହିବା ଯୋଗୁଁ ରାସ୍ତା ଧୀରେ ଧୀରେ ନଷ୍ଟ ହେଉଛି। ପାଇପ୍ ? ଲିକେଜ୍ ? ମରାମତି ସହ ରାସ୍ତାର ସ୍ଥାୟୀ ସମାଧାନ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ସମସ୍ୟା ଏତିକିରେ ସରିନାହିଁ। ଅନେକ ସ୍ଥାନରେ ଡ୍ରେନ୍ ? ଖୋଲା ପଡ଼ିଥିବା ବେଳେ ଡ୍ରେନ୍ ଉପରେ ସ୍ଲାବ୍/ପ୍ଲେଟ୍ ନଥିବାରୁ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ରାସ୍ତା ପାର୍ଶ୍ୱରେ ମଧ୍ୟ ଗଛଲତା ଓ ଅନାବଶ୍ୟକ ଜଙ୍ଗଲିଆ ବୃଦ୍ଧି ପାଇ ପରିବେଶକୁ ଅସ୍ୱାସ୍ଥ୍ୟକର କରିଦେଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ମାଲକାନଗିରି ଜିଲ୍ଲାରେ ମ୍ୟାଲେରିଆ ଭଳି ମଶାବାହିତ ରୋଗକୁ ନେଇ ଚିନ୍ତା ରହିଥିବା ସମୟରେ ଏଭଳି ଜମି ରହୁଥିବା ପାଣି ଓ ଅପରିଷ୍କାର ପରିବେଶ ଲୋକଙ୍କ ଚନ୍ତାକୁ ଆହୁରି ବଢ଼ାଇ ଦେଇଛି। ପ୍ରଶ୍ନ ଉଠୁଛି— ଲୋକଙ୍କ ଟିକସ ଟଙ୍କାରେ ଚାଲୁଥିବା ପୌରପରିଷଦର ନଜର କେବେ ପଡ଼ିବ ଏହି ସମସ୍ୟା ଉପରେ ରାସ୍ତାରେ ଖାଲ, ଡ୍ରେନ୍ ? ଖୋଲା, ଅଳିଆ ଜମା, ଗଛଲତାରେ ରାସ୍ତାପାର୍ଶ୍ୱ ଅବରୋଧ ଏବଂ ପାଣି ଲିକେଜ୍ ଭଳି ସମସ୍ୟା ଯଦି ଦୀର୍ଘଦିନ ଧରି ରହେ, ତେବେ ଏହା ପୌରପ୍ରଶାସନର ନିୟମିତ ନିରୀକ୍ଷଣ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ସ୍ଥାନୀୟ ବାସିନ୍ଦାଙ୍କ ଦାବି, କେବଳ ଫଟୋ ଉଠାଇ କିମ୍ବା ସାମୟିକ ଭାବେ ଅଳିଆ ସଫା କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଭଙ୍ଗା ରାସ୍ତାର ମରାମତି, ପାଣି ପାଇପ୍ ଲିକେଜ୍‌ର ସ୍ଥାୟୀ ସମାଧାନ, ଡ୍ରେନ୍ ସଫେଇ, ଆବଶ୍ୟକ ସ୍ଥାନରେ ଡ୍ରେନ୍ ଉପରେ ସ୍ଲାବ୍ ଲଗାଇବା ଏବଂ ରାସ୍ତାପାର୍ଶ୍ୱରୁ ଗଛଲତା ସଫା କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ। ମ୍ୟାଲେରିଆ ଭଳି ରୋଗକୁ ରୋକିବା ପାଇଁ ସ୍ୱଚ୍ଛତା ଓ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାର ସମୟରେ ଯଦି ପୌରପ୍ରଶାସନ ଏଭଳି ସମସ୍ୟାକୁ ଅଣଦେଖା କରେ, ତେବେ ଆଗାମୀ ଦିନରେ ଏହାର ପରିଣାମ କିଏ ଭୋଗିବ? ଏବେ ସ୍ଥାନୀୟ ଲୋକଙ୍କ ନଜର ପୌରପରିଷଦ ଓ ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ। ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ କେବେ ଚିରନିଦ୍ରାରୁ ଉଠି ମାଟିକୁ ଓହ୍ଲାଇବ ସେନେଇ ଅପେକ୍ଷାରେ ୧୧୯ କଲୋନୀବାସୀ।



## ପାସ୍ ଟିସି ଦେଇ ଫେଲ୍ କହିଲା ବିଦ୍ୟାଳୟ!

# ଶିକ୍ଷାନୁଷ୍ଠାନର ଭୁଲର ଶିକାର ଛାତ୍ର, ଯୁକ୍ତ ଦୁଇ ନାମଲେଖା ବାତିଲ୍‌ରେ ଭବିଷ୍ୟତ ଅନିଶ୍ଚିତ

**ମାଲକାନଗିରି,ଚିତ୍ରକୋଣ୍ଡା, ୬/୯: (ନି.ପ୍ର);** ଶିକ୍ଷାନୁଷ୍ଠାନର ଗୋଟିଏ ଭୁଲ କି ଜଣେ ଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇପାରେ ଚିତ୍ରକୋଣ୍ଡାରେ ସାମ୍ନାକୁ ଆସିଥିବା ଏଭଳି ଏକ ଘଟଣା ଏବେ ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱବୋଧ ଉପରେ ବଡ଼ ପ୍ରଶ୍ନ ଠିଆ କରିଛି। ପ୍ରଥମେ ମେଟ୍ରିକ୍ ପାସ୍ ବୋଲି ଉଲ୍ଲେଖ କରି ଟ୍ରାନ୍ସଫର ସାର୍ଟିଫିକେଟ୍ (ଟିସି) ଓ ସ୍କୁଲ ଲିଭିଂ ସାର୍ଟିଫିକେଟ୍ (ଏସ୍‌ଏଲସି) ଦିଆଗଲା। ସେହି ଦଲିଲ ଧରି ଛାତ୍ର ଯୁକ୍ତ ଦୁଇରେ ନାମଲେଖା ପାଇଁ ଆବେଦନ କଲେ। ହେଲେ ପରେ ହଠାତ୍ ତାଙ୍କୁ 'ଫେଲ୍' ବୋଲି ଦର୍ଶାଇ ନାମଲେଖା ଆବେଦନ ଖାରଜ କରାଯିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ର ଲିଙ୍ଗରାଜ ବଡ଼ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ମେଟ୍ରିକ୍ ପାସ୍ କରିଥିବା ଦର୍ଶାଇ ଟିସି ଓ ଏସ୍‌ଏଲସି ପ୍ରଦାନ କରାଯାଇଥିଲା। ଏହାପରେ ସେ ଏହି ଦଲିଲ ଆଧାରରେ ବଡ଼ପଡ଼ା ଏଜୁକେସନ କମ୍ପ୍ଲେକ୍ସରେ ଯୁକ୍ତ ଦୁଇ କଳା ବିଭାଗରେ ନାମଲେଖା ପାଇଁ ଆବେଦନ କରିଥିଲେ। ତେବେ ଅନୁଷ୍ଠାନରେ ସିଟ୍ ଖାଲି ନଥିବାରୁ ତାଙ୍କ ନାମଲେଖା ହୋଇପାରିନଥିଲା। ଅନ୍ୟପକ୍ଷରେ ଛାତ୍ରଙ୍କ ବାପା ବଡ଼ପଡ଼ା ଏଜୁକେସନ କମ୍ପ୍ଲେକ୍ସରେ ପିଅନ ଭାବେ କାର୍ଯ୍ୟରତ ଥିବାରୁ ଏବଂ ଅନୁରୋଧ କରିବାରୁ ଛାତ୍ରଙ୍କୁ ସେଠାରେ ଶିକ୍ଷା ଗ୍ରହଣ ପାଇଁ ଅନୁମତି ଦିଆଯାଇଥିଲା। ଏପରିକି ତାଙ୍କୁ ଜୋତା ମଧ୍ୟ ଯୋଗାଇ ଦିଆଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। କିନ୍ତୁ ପରେ ଲିଙ୍ଗରାଜ ମେଟ୍ରିକ୍ ପରୀକ୍ଷାରେ ଫେଲ୍ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ଯୁକ୍ତ ଦୁଇ ନାମଲେଖା ଆବେଦନକୁ ଖାରଜ କରାଯାଇଥିଲା।



ଫଳରେ ପାସ୍ ଲେଖା ଥିବା ଟିସି ଧରି ନୂଆ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯାଇଥିବା ଛାତ୍ର ହଠାତ୍ ନିଜକୁ ଫେଲ୍ ଭାବେ ଜାଣିବା ପରେ ଗଭୀର ମାନସିକ ଚାପରେ ପଡ଼ିଛନ୍ତି। ଛାତ୍ର ଲିଙ୍ଗରାଜଙ୍କ ପ୍ରଶ୍ନ, "ମୁଁ ଯଦି ଫେଲ୍ ଥିଲି, ତେବେ ମୋତେ ପାସ୍ ଲେଖା ଥିବା ଟିସି କାହିଁକି ଦିଆଗଲା?" ଏହି ପ୍ରଶ୍ନ ଏବେ ସମଗ୍ର ଘଟଣାର ମୁଖ୍ୟ ପ୍ରଶ୍ନ ପାଲଟିଛି। ଘଟଣାକୁ ନେଇ ପରିବାର ଲୋକେ ତୀବ୍ର ଉଦ୍ ?ବେଗ ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନର ଭୁଲ ପାଇଁ ଜଣେ ଛାତ୍ର କାହିଁକି ଭୋଗିବେ ବୋଲି ପ୍ରଶ୍ନ କରିବା ସହ ଦାୟୀ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ନିରପେକ୍ଷ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଙ୍କ ଶିକ୍ଷା ଜାରି ରଖିବା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

